### ବିଜୁ ଜନତା ଦଳର ମିଶ୍ରଣ ପର୍ବ

# ବିଜେପି ଓ କଂଗ୍ରେସ ଛାଡ଼ିଲେ ଶତାଧିକ ଯୁବକ

**ଅନୁଗୋଳ, ୨୮।୧(ସମିସ):**

ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶ ଏବଂ ବିଧାୟକ ଅନୁଗୋଳ ରଜନୀକାନ୍ତ ସିଂହଙ୍କ ସ୍ୱଚ୍ଛତା ଓ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ପୋକତୁଙ୍ଗାର ଯୁବନେତା ତପନ ଦେହୁରୀଙ୍କ ନେତୃତ୍ୱରେ ରୁଦ୍ର ନାରାୟଣ ସାହୁ, ପ୍ରଭାତ ଦେହୁରୀ, ଜିତେନ୍ଦ୍ର ସାହୁଙ୍କ ସମେତ ପୋକତୁଙ୍ଗା ଓ ମାଧପୁର ଗ୍ରାମରୁ ଶତାଧିକ ଯୁବକ ବିଜେପି ଓ କଂଗ୍ରେସ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ଉକ୍ତ ମିଶ୍ରଣ ପର୍ବରେ ବିଧାୟକ ଅନୁଗୋଳ ରଜନୀକାନ୍ତ ସିଂହ, ଜିଲ୍ଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ବ୍ଲକ ବିଜେଡି ସଭାପତି ସରୋଜ ସାହୁ, ସମବାୟ ନିର୍ଦ୍ଦେଶକ ସରୋଜ ନାଏକ, ବ୍ଲକ ଯୁବ ବିଜେଡି ସଭାପତି ରାକେଶ ନନ୍ଦ, ପୋକତୁଙ୍ଗା ବିଜେଡି ସଭାପତି କିଶୋର ଦେହୁରୀ, ପ୍ରଶାନ୍ତ ସାମଲ, ଦିନେଶ ଦେହୁରୀ, ମୁନା ପ୍ରଧାନ ଓ ଅରୁଣାଭ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



# ଉତ୍କଳ କରାଟେ ସଂଗଠନ ପକ୍ଷରୁ ଗ୍ରେଡିଂ ଟେଷ୍ଟ ଶିବିର



**୭୨ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ**

**ଅନୁଗୋଳ, ୨୮।୧ (ସମିସ):** ରବିବାର ପିଟିସି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଉତ୍କଳ କ୍ୟୁକୋଷିନ କରାଟେ ସଂଗଠନ ପକ୍ଷରୁ ଏକ ଗ୍ରେଡ଼ିଂ ଟେଷ୍ଟ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଜିନ୍ଦଲ, ଟାଟା ଓ ଅନୁଗୋଳ ସଂଗଠନର ବିଭିନ୍ନ ବର୍ଗର ୭୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହାଛଡ଼ା ସମ୍ବିତ ମଙ୍ଗରାଜ ଏବଂ କାବ୍ୟା ଜାଟୁଆ ବ୍ଲାକ ବେଲଟ ପାଇଁ ପରୀକ୍ଷା ଦେଇଥିଲେ। ସଂଗଠନର ଉପଦେଷ୍ଟା ଅଶ୍ୱିନୀ କୁମାର ପାଣି, ସଭାପତି ସୁରଞ୍ଜନ ରାଜକୁମାର, ଉପସଭାପତି ବିଶ୍ୱରଞ୍ଜନ ପଟ୍ଟନାୟକ, ସମ୍ପାଦକ ବବିନ ଚନ୍ଦ୍ର ଗଡ଼ନାୟକ, ବରିଷ୍ଠ ସଦସ୍ୟ ସୁଧାଂଶୁ ଶେଖର ଜେନା ଓ ଦୀପ୍ତିରଞ୍ଜନ ନାୟକ ଅତିଥି ରୁପେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସଂଗଠନର ମୁଖ୍ୟ ପ୍ରଶିକ୍ଷକ ବାସୁଦେବ ସାହୁଙ୍କ ସମେତ ରୋହନ କୁମାର ସାହୁ, କ୍ରିଷ୍ଣା ଦାସ, ରାହୁଲ କୁମାର ସାହୁ, ସଂଯୁକ୍ତା ରାଜକୁମାରୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିମ୍ନମାନର ଖାଦ୍ୟ ପ୍ରଦାନ

**ଅନୁଗୋଳ,୨୮।୧(ସମିସ):** ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଥିବା ନେଇ ରୋଗୀ ଏବଂ ତାଙ୍କ କେୟାର ଟେକରମାନେ ଅଭିଯୋଗ କରିଛନ୍ତି। ପାଣିଆ ଡାଲି , ପାଣିଆ ଦହି, ଦରପାଚିଲା କଦଳୀ ଇତ୍ୟାଦି ରୋଗୀଙ୍କୁ ପ୍ରଦାନ କରାଯାଉଥିବା ବେଳେ ଅଧିକାଂଶ ସମୟ ବାସିଖାଦ୍ୟ ରୋଗୀମାନଙ୍କୁ ପ୍ରଦାନ କରାଯାଉଛି। ଅଧିକାଂଶ ସମୟରେ ରୋଗୀମାନଙ୍କ ପାଖରେ ସଠିକ୍ ସମୟରେ ଖାଦ୍ୟ ପହଞ୍ଚି ପାରୁନଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ଖାଦ୍ୟ ଠିକ୍ ସମୟରେ ନ ଦେବାରୁ ଡାଇବେଟିସ ରୋଗୀମାନେ ଇନସୁଲିନ ନେଇ ପାରୁନାହାନ୍ତି। ହୃଦରୋଗୀମାନେ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଚିକିତ୍ସାଳୟ ଅଧିକାରୀ ଏଥିପ୍ରତି ବିଶେଷ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଜୋର୍ ଧରିଛି।

# ଏଆଇଏମଏସ୍‌ଏସ୍‌ରେ ରାଜ୍ୟ ମହିଳା ସମ୍ମିଳନୀ



**ଅନୁଗୋଳ, ୨୮।୧(ସମିସ):** ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମ୍‌ଏସ୍‌ଏସ୍) ଓଡିଶା ରାଜ୍ୟ କମିଟି ଆନୁକୂଲ୍ୟରେ ୫ମ ସାରା ଓଡିଶା ମହିଳା ସମ୍ମିଳନୀ ଆଜି ଅନୁଗୋଳ ଠାରେ ପ୍ରବଳ ଉତ୍ସାହ ଉଦ୍ଦିପନା ସହକାରେ ଅନୁଷ୍ଠିତ ହୋଇଯାଇଛି। ନାରୀ ନିର୍ଯାତନା ବନ୍ଦ ଓ ନାରୀକୁ ନିରାପତ୍ତା, ମଦ-ଡ୍ରଗ୍ସ ଆଦି ସମ୍ପୂର୍ଣ୍ଣ ନିଷିଦ୍ଧ, ମୋବାଇଲ ଇଣ୍ଟରନେଟ୍ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳ-ନଗ୍ନ-ହିଂସା ପ୍ରଣୋଦିତ, ଯୌନ ଉଦ୍ଦିପକ କାର୍ଯ୍ୟକ୍ରମ ପ୍ରସାରଣ ସମ୍ପୂର୍ଣ୍ଣ ବନ୍ଦ, ଆଶା, ଅଙ୍ଗନବାଡ଼ି, ପାଚିକା-ସହାୟିକାମାନଙ୍କ ନ୍ୟାଯ୍ୟ ଦାବି ପୂରଣ, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦ ବାତିଲ, ଦରଦାମ୍ ବୃଦ୍ଧି ବନ୍ଦ ସହ ଅନୁଗୋଳ ମହିଳା ମହାବିଦ୍ୟାଳୟକୁ ମାଳତୀ ଚୌଧୁରୀଙ୍କ ନାମରେ ନାମିତ କରିବା ଆଦି ଦାବି ପୂରଣ ପାଇଁ ଏକ ବିଶାଳ ମହିଳା ପଟୁଆର ଆଜି ପୂର୍ବାହ୍ନ ୧୦ଟାରେ ଶିକ୍ଷକପଡ଼ାରୁ ବାହାରିଥିଲା। ପରେ ନାରୀ ମୁକ୍ତି ସମ୍ପର୍କିତ ମହାମନୀଷୀମାନଙ୍କ ଉଦ୍ଧୃତି ଓ ଚିତ୍ରପଟ ଏବଂ ଆନ୍ଦୋଳନର ଫଟୋଚିତ୍ର ପ୍ରଦର୍ଶନୀର ଉଦଘାଟନ କରିଥିଲେ ଅବସରପ୍ରାପ୍ତ ଅଧ୍ୟାପିକା ରମା ମଞ୍ଜରୀ ସାହୁ। ସଂଗଠନର ରାଜ୍ୟ ସଭାନେତ୍ରୀ ବିଣାପାଣି ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ୪ଜଣିଆ ସଭାପତି ମଣ୍ଡଳୀ ସମ୍ମିଳନୀ କାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏସ୍.ୟୁ.ସି. ଆଇ(କମ୍ୟୁନିଷ୍ଟ)ର କେନ୍ଦ୍ରୀୟ କମିଟି ସଦସ୍ୟ ତଥା ରାଜ୍ୟ ସମ୍ପାଦକ କମ୍ରେଡ ଶଙ୍କର ଦାସଗୁପ୍ତ, ସଂଗଠନର ସର୍ବଭାରତୀୟ ସଭାନେତ୍ରୀ କେୟା ଦେ, ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ଯୋଗଦେଇଥିଲେ। ବିଭିନ୍ନ ଜିଲ୍ଲା ପ୍ରତିନିଧିଙ୍କ ପ୍ରଦତ୍ତ ବକ୍ତବ୍ୟ, ମତାମତ ଓ ସମର୍ଥନରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଓ ରିପୋର୍ଟ ଗୃହୀତ ହୋଇଥିଲା। ଅନୁଷ୍ଠିତ ପ୍ରଗତିଶୀଳ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ନାଟକ ଓ ସଙ୍ଗୀତ ପରିବେଷଣ ଅତ୍ୟନ୍ତ ଚିତାକର୍ଷକ ଥିଲା। ଶେଷରେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଶକ୍ତିଶାଳୀ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ସଭାପତି ସ୍ୱର୍ଣ୍ଣପ୍ରଭା ନାୟକ, ସମ୍ପାଦିକା ସରୋଜିନୀ ନାୟକଙ୍କୁ ନେଇ ୧୭୧ଜଣିଆ ଏକ କମିଟି ଗଠନ କରାଯାଇଥିଲା। ନୂତନ ରାଜ୍ୟ କମିଟି ଉଦ୍ୟୋଗରେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ବ୍ୟାପକ ନାରୀ ଆନ୍ଦୋଳନ ଗଢ଼ି ତୋଳିବା ମଧ୍ୟଦେଇ ଆସନ୍ତା ଜୁନ୍ ମାସରେ ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ଆହ୍ୱାନ ଦିଆଯାଇଥିଲା।

## ବିଧାୟକଙ୍କ ଦ୍ୱାରା ନୂତନ ଦୋକାନ ଗୃହ ଉଦ୍‌ଘାଟିତ



**ତାଲଚେର, ୨୮।୧(ସମିସ):** ତାଲଚେର ସହରର ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ଭାବେ ପରିଚିତ ହଟୋତୋଟା ଠାରେ ଆଜି ଦୁଇ ମହଲା ଦୋକାନ ଗୃହକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଛି। ତାଲଚେର ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ନୂତନ ଗୃହକୁ ଉଦଘାଟନ କରିଥିଲେ। ଉତ୍ସବରେ ପୌର ପରିଷଦର ଯୁବ ନଗରପାଳ ପବିତ୍ର ଭୁତିଆ ସଭାପତିତ୍ୱ କରିଥିଲେ। ନଗରପାଳ ପବିତ୍ର ଭୁତିଆ ଏଥିପାଇଁ ଢେଙ୍କାନାଳ ସାଂସଦ ଓ ତାଲଚେର ବିଧାୟକଙ୍କ ଅବଦାନ ଯଥେଷ୍ଟ ରହିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ତାଲଚେର ପଞ୍ଚାୟତ ସମିତି ଅଧ୍ୟକ୍ଷା ହେମାଲତା ମହାନ୍ତି, ଉପନଗରପାଳ ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ ଯୋଗଦେଇଥିଲେ। ତେବେ ଢେଙ୍କାନାଳ ସାଂସଦ ମହେଶ ସାହୁ ସଂସଦ ଅଧିବେଶନ ପାଇଁ ଦିଲ୍ଲୀ ଅଭିମୁଖେ ଯାଇଥିବାରୁ କାର୍ଯ୍ୟକ୍ରମରେ ଯୋଗଦେଇ ପାରିନଥିଲେ ବୋଲି ନଗରପାଳ ଶ୍ରୀ ଭୁତିଆ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲା କୋଷାଧ୍ୟକ୍ଷ ବାନମ୍ବର ଭୁତିଆଙ୍କ ନେତୃତ୍ୱରେ ଏକ ବିରାଟ ପଟୁଆରରେ ବିଧାୟକ ଶ୍ରୀ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି, ନଗରପାଳ ପବିତ୍ର ଭୁତିଆ, ଉପ ନଗରପାଳ ଶ୍ରୀମତୀ ପ୍ରଧାନ ଓ ସମସ୍ତ ୱାର୍ଡର କାଉନସିଲର, ସମର୍ଥକମାନେ ଆସି ଉଦଘାଟନୀ ସ୍ଥଳରେ ପହଞ୍ଚିଥିଲେ।

# ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



**କିଶୋରନଗର, ୨୮।୧(ସମିସ):** ବଇଣ୍ଡା କଲ୍ୟାଣ ମଣ୍ଡପରେ ତ୍ରିଧାରା ସାହିତ୍ୟ ସଂସଦର ଏକାଦଶତମ ବାର୍ଷିକ ଉତ୍ସବ ଆଜି ପାଳନ ହୋଇଯାଇଛି। ସଂସଦର ସଭାପତି ଶ୍ରୀବତ୍ସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ଉପ ଜିଲ୍ଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର ଓ ମୁଖ୍ୟ ବକ୍ତା ଭାବରେ ଦେବଗଡ଼ କଲେଜର ପ୍ରାକ୍ତନ ଅଧ୍ୟାପକ ଡ. ପ୍ରମୋଦ କୁମାର ବେହେରା ଯୋଗଦେଇଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଂସଦର ମୁଖପତ୍ର 'ତ୍ରିଧାରା', ଶ୍ରୀବତ୍ସ ପ୍ରଧାନଙ୍କ ଗଳ୍ପ ସଂକଳନ 'ସ୍ୱାଧୀନତାର କବନ୍ଧ' ଓ ନିରଞ୍ଜନ ପତିଙ୍କର ଶିଶୁ-କିଶୋର ଗଳ୍ପ ସଂକଳନ 'ଡାକୁଛି ଭୂତ, ବସିବା ମିତ' ଅତିଥିମାନଙ୍କଦ୍ୱାରା ଲୋକାର୍ପିତ ହୋଇଥିଲା। ଏହାପରେ 'ତ୍ରିଧାରା ନାଗରିକ ସମ୍ମାନ' ଠାକୁରଗଡ଼ର ଲମ୍ବୋଦର ବେହେରାଙ୍କୁ, 'ତ୍ରିଧାରା କବି ସମ୍ମାନ' କେନ୍ଦୁଝରର ପିନାକୀ ମିଶ୍ର ଓ ଅନୁଗୋଳର ଇଂ. ଧନେଶ୍ୱର ସାହୁଙ୍କୁ, 'ମଧୁ-କୋକିଳ ସ୍ମୃତି ସମ୍ମାନ' ଠାକୁରଗଡ଼ ହାଇସ୍କୁଲ ଶିକ୍ଷକ ଚିଦାନନ୍ଦ ଦେହୁରୀଙ୍କୁ, 'ଗୋବିନ୍ଦ ସ୍ମୃତି ସମ୍ମାନ' ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ସୁନ୍ଦର ବକ୍ତୃତା ପାଇଁ ବଇଣ୍ଡା କଲେଜର ଲିମାରାଣୀ ସାହୁ, ଠାକୁରଗଡ଼ ଷୋଳପଦା କଲେଜର ଲକ୍ଷ୍ମୀପ୍ରିୟା ନାଏକ, ବଇଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରତ୍ୟୁଷ କୁମାର ମିଶ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଂସଦର ସମ୍ପାଦକ ରମେଶ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନ କବିତାପାଠ କାର୍ଯ୍ୟକ୍ରମ ପିନାକୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁଝର, ବୌଦ୍ଧ, ହିନ୍ଦୋଳ, ତାଳଚେର, କିଶୋରନଗର, ଆଠମଲ୍ଲିକ ଅଞ୍ଚଳର ୩୦ରୁ ଉର୍ଦ୍ଧ୍ୱ କବି କବିତାପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୁଳମଣି ମେହେର ଓ ନିହାରିକା ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂସଦର ସଭ୍ୟ ଘନଶ୍ୟାମ ସାହୁ, ନିତ୍ୟାନନ୍ଦ ବାରିକ, ବିନିତା ପ୍ରଧାନ, ରଞ୍ଜିତା ମିଶ୍ର, ମାମୁଲି ସାହୁ, ଚିଦାନନ୍ଦ ଦେହୁରୀ, ରଜନୀକାନ୍ତ ଦେହୁରୀ, ମନୋଜ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ବହ୍ଲର ଛକ ଟ୍ରାଫିକ୍ ପୋଷ୍ଟ ବିପର୍ଯ୍ୟସ୍ତ

**ତାଲଚେର ସଦର, ୨୮।୧(ସମିସ):** ତାଲଚେର ବଅଁରପାଳ ଦେଇ ଯାଇଥିବା ଜାତୀୟ ରାଜପଥ ବହ୍ଲର ଛକ ଟ୍ରାଫିକ ପୁଲିସ୍ ପୋଷ୍ଟଟି ଏବେ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏହି ଜାତୀୟ ରାଜପଥ ଦେଇ ପ୍ରଶାସନିକ ଅଧିକାରୀମାନେ ଦୈନନ୍ଦିନ ଯାତାୟାତ କରୁଥିବା ବେଳେ ଏଥିପ୍ରତି ଦୃଷ୍ଟି ପଡୁନଥିବା ପରିତାପର ବିଷୟ। ଏହି ଟ୍ରାଫିକ ପୁଲିସ୍ ପୋଷ୍ଟଟି ଦୀର୍ଘଦିନରୁ ଭଙ୍ଗା ଓ ଅଧାଗଢ଼ା ଅବସ୍ଥାରେ ରହିଥିବାରୁ ଏହାର ଛାତରୁ ଟିଣ ସାମନ୍ୟ ଲଟକି ରହିଥିବା ବେଳେ ଏଥିରେ ବ୍ୟବହୃତ ହୋଇଥିବା ପାଇପ୍ ପୋଲଟି କଳଙ୍କି ଖାଇ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ଫଳରେ ସେଠାରେ କାର୍ଯ୍ୟରତ ଟ୍ରାଫିକ ପୁଲିସ୍ ଖୋଲା ଆକାଶ ତଳେ ରହି ଖରାବର୍ଷାରେ ଧୂଳିଧୂଆଁ ଖାଇ ନିଜ ଜୀବନକୁ ବାଜି ଲଗାଇ ଟ୍ରାଫିକ ନିୟନ୍ତ୍ରଣ କରିଥାନ୍ତି। ଏହି ରାଜପଥରେ ଦୈନନ୍ଦିନ ଶହ ଶହ ଯାନବାହାନ ଚଳାଚଳ କରିଥାଏ। ସେଥିନେଇ ଏହି ଟ୍ରାଫିକ ପୋଷ୍ଟଟି ନିତ୍ୟାନ୍ତ ଜରୁରି ହୋଇଥିବା ବେଳେ ଏହାର ପୁନରୁଦ୍ଧାର କାହିଁକି କରାଯାଉନାହିଁ, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

## ଆଇରନ ବୋଝେଇ ୧୨ ଚକିଆ ଟ୍ରକ୍ ଜଳିଗଲା

**ନାଲକୋନଗର, ୨୮।୧(ସମିସ):** ୫୫ ନମ୍ବର ଜାତୀୟ ରାଜପଥ ତୁରଙ୍ଗ ନିକଟସ୍ଥ ବୁଲେଟ ସୋ ରୁମ୍ ସାମ୍ନାରେ ଏକ ୧୨ ଚକିଆ ଆଇରନ ବୋଝେଇ ଟ୍ରକ ସଟ୍ ସର୍କିଟରୁ ଜଳିଯାଇଛି। ଟେନେଶାରୁ ଆଇରନ ନେଇ ଅନୁଗୋଳ ଜିନ୍ଦଲ ଯାଉଥିବା ବେଳେ ଆଜି ସକାଳ ୫ ଘଟିକା ସମୟରେ ତୁରଙ୍ଗ ନିକଟସ୍ଥ ବୁଲେଟ ସୋ ରୁମ୍ ସାମ୍ନାରେ ସଟସର୍କିଟ ଯୋଗୁଁ ଆଖି ଆଗରେ ନିଆଁ ସମ୍ପୂର୍ଣ୍ଣ କ୍ୟାବିନରେ ମାଡ଼ି ଯାଇଥିଲା। ଖବର ପାଇ ଅନଗୁଳ ଦମକଳ ବିଭାଗ ଆସି ନିଆଁକୁ ଆୟତ୍ତ କରିଥିଲେ।

## ଅଗ୍ନିବିପନ୍ନ ପରିବାରକୁ ସମାଜସେବୀଙ୍କ ସହାୟତା



**ତାଲଚେର, ୨୮।୧(ସମିସ):** ତାଲଚେର ବ୍ଲକ ଘଣ୍ଟପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଘମରା ଗ୍ରାମର ବାବୁଲି ବେହେରାଙ୍କ ଘରେ କୌଣସି କାରଣବଶତଃ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଘର ସହିତ ଆସବାବପତ୍ର ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏହି ଦୁର୍ଦ୍ଦିନରେ ସମାଜସେବୀ ବିଭୂତି ସାହୁ, ଘଣ୍ଟପଡ଼ା ସମିତି ସଭ୍ୟ କରୁଣାକର ସାହୁ, ପ୍ରାକ୍ତନ ସରପଞ୍ଚ ସୁନୀଲ ବିଶ୍ୱାଳ ସେଠାରେ ପହଞ୍ଚି ଅଗ୍ନିବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ, ପିନ୍ଧିବା ବସ୍ତ୍ର, ଶୀତ ବସ୍ତ୍ର ଏବଂ ଜରିପାଲର ବନ୍ଦୋବସ୍ତ କରାଇଛନ୍ତି। ଏହି ଅଗ୍ନିବିପନ୍ନ ପରିବାରକୁ ସରକାରୀ ଓ ବେସରକାରୀ ସ୍ତରରେ ସାହାଯ୍ୟ ସହଯୋଗର ହାତ ବଢ଼ାଇବା ପାଇଁ ଶ୍ରୀ ସାହୁ ନିବେଦନ କରିଛନ୍ତି।

## ଛୋଟପିଲାଙ୍କୁ ବିସ୍କୁଟ୍ ଓ ଚକୋଲେଟ୍ ବଣ୍ଟନ



**ଅନୁଗୋଳ ସଦର, ୨୮।୧(ସମିସ):** ଅନୁଗୋଳ ଏସବିଆଇ ଫ୍ରେଣ୍ଡସ କ୍ଲବ୍ ତରଫରୁ ଗଣତନ୍ତ୍ର ଦିବସରେ ଛୋଟ ପିଲାମାନଙ୍କୁ ବିସ୍କୁଟ ଓ ଚକୋଲେଟ୍ ବଣ୍ଟନ କରାଯାଇଥିଲା। ଏଥିରେ ଏସବିଆଇ ଫ୍ରେଣ୍ଡସ କ୍ଲବର ସଦସ୍ୟ ଶୁଭେନ୍ଦୁ ମହାପାତ୍ର, ପ୍ରକାଶ ବେହେରା, ଆଲୋକ, ସତ୍ୟ, ସୁରୀୟା, ଜିତୁ, ମନୋଜ ସହଯୋଗ କରିଥିଲେ।

## କୋଲ୍ ବ୍ଲକ୍ ପାଇଁ ଜମି ଦିଆଯିବ ନାହିଁ: ସ୍ଥାନୀୟ ଅଧିବାସୀ



**ତାଲଚେର, ୨୮।୧(ସମିସ):** ତାଲଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ନିକଟରେ ଆସନ୍ତା ଫେବୃୟାରୀରେ ହେବାକୁଥିବା ପ୍ରାଇଭେଟ୍ କୋଲ୍ ବ୍ଲକ ଆବଣ୍ଟନ ପାଇଁ ତାଲଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ କଙ୍କିଳି, ଧରମପୁର, ସ୍କଟଲାଣ୍ଡପୁର, ରାସଲପୁର, କିଶୋରୀପାଳ, ବରଣାଳୀ, ବନମାଳୀପୁର, ସରେଇଲ, ରାମଚନ୍ଦ୍ରପୁର, କାକୁରହି, ହରିହରପୁର, ଦୁମୁଦୁମା, ଗୋପବଲ୍ଲଵପୁର, ରାଧାରମଣପୁର, ରଙ୍ଗପୁର, ଲୁହୁଣ୍ଡି, ଅରଖପାଳ, ହରିଚନ୍ଦ୍ରପୁର, ଗୁଣ୍ଡବହାଳ, ଟାକୁଆ, ଧୋବାପାଳ, ଖାଇରନାଳି, ଚନ୍ଦ୍ରବିଲି, ଲୁହୁଣ୍ଡୀ, ଅରଖପାଳ, ହରିହରପୁର, ବରିହାପୁର, ଯଦୁନାଥପୁର, ନୂଆ ବଲାଙ୍ଗି, ସାରକିଶୋରପାଳ, ବୀରରାମଚନ୍ଦ୍ରପୁର, କାଳନ୍ଦୀପ୍ରସାଦ, ଗୁଠସାହି, ଶ୍ରୀରାମପୁର, ବଲାଙ୍ଗି ନୂଆଁସାହି, ଯଦୁନାଥପୁର, ଏକଡାଳ, ରଘୁନାଥପୁର ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସର୍ବସମ୍ମତି କ୍ରମେ କେହି ପ୍ରାଇଭେଟ୍ କୋଲ୍ ବ୍ଲକକୁ ଜମି ଦେବେନାହିଁ କି କୌଣସି ପ୍ରକାର ସହଯୋଗ କରିବେ ନାହିଁ ବୋଲି ବୈଠକରେ ଆଲୋଚନା କରାଯାଇଥିଲା।

# କିଟ୍ ଓ କିସ୍ ପକ୍ଷରୁ ଅନୁଗୋଳରେ ଗଣଦୌଡ଼

**ଅନୁଗୋଳ, ୨୮।୧(ସମିସ):**




ଅନୁଗୋଳ ଜିଲ୍ଲାରେ କିଟ୍ ଓ କିସ୍ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ସଚେତନତା ନେଇ ଗଣଦୌଡ଼ ଅନୁଷ୍ଠିତ ହୋଇଛି। କିଟ୍ ଓ କିସ୍ ପକ୍ଷରୁ ରବିବାର ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଏହି ମିନି ମାରାଥନ୍ ଅନୁଗୋଳ ଜିଲ୍ଲା ସମେତ ଓଡ଼ିଶାର ୫୫ ଟି ସ୍ଥାନରେ ଆୟୋଜନ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍ ଓ ସମାଜର ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ। ଏଥିପାଇଁ କିଟ୍ ଓ କିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ସମସ୍ତଙ୍କ ପାଇଁ ଶିକ୍ଷା' ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ମିନି ମାରାଥନ୍ ଆୟୋଜନ କରାଯାଇଥିଲା। ଅନୁଗୋଳ ଷ୍ଟାଡିୟମରେ ଅନୁଗୋଳ ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଯୋଗଦେଇ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ଅନୁଗୋଳ ଷ୍ଟାଡିୟମ ଠାରୁ ଏହି ମାରାଥନ ଆରମ୍ଭ ହୋଇ ବଜାର ପରିକ୍ରମା କରି ଅନୁଗୋଳ ସାନ୍ଧ୍ୟ ମହାବିଦ୍ୟାଳୟରେ ପହଞ୍ଚି ଏକ ସାଧାରଣ ସଭା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟ ନାଥ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ସଭାପତି ଭାବେ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ମାଝୀ, ଆର୍ଯ୍ୟଭଟ ଇନଷ୍ଟିଚ୍ୟୁଟ ପ୍ରତିଷ୍ଠାତା ବିନୋଦ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କିଟ୍, କିସ୍ ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ସମସ୍ତେ ଭୂୟସୀ ପ୍ରଶଂଶା କରିଥିଲେ। ସାମ୍ବାଦିକ ମାନସ ରଞ୍ଜନ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଅଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍, କିସ୍ ର କର୍ମଚାରୀ ଶିଶିର ସାହୁ, ବିପିନ କଂହର, ମନୋଜ ବେହେରା, ରଂଜିତ ସାମାଡ଼, ଅନାଦି ନାୟକ, ପ୍ରଦ୍ୟୁମ୍ନ ଦାଶ, ରାଜେନ୍ଦ୍ର ଶୁଣ୍ଡି, ଜଙ୍ଗଲ ପୁର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ।



## ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା




**ରେଙ୍ଗାଲି,୨୮।୧(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ବାଲିପଶି ପଞ୍ଚାୟତରେ ବିଧାୟକ ମୁକେଶ କୁମାର ପାଳଙ୍କ ନିର୍ଦ୍ଦେଶ କ୍ରମେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା ଶୁଭରାମ୍ଭ ହୋଇଯାଇଛି। ପଞ୍ଚାୟତ ସଭାପତି କରୁଣାକର ପ୍ରଧାନଙ୍କ ସଭାପତିତ୍ୱରେ ୮ ନଂ ଜୋନ ପର୍ଯ୍ୟବେକ୍ଷକ ସୁବାଷ ମହାନ୍ତି, କଣିହାଁ ବ୍ଲକ ଯୁବ ସଭାପତି ଗଗନ ରାଉତ, ସରପଞ୍ଚ ହାଡିବନ୍ଧୁ ସେଠି, ସମିତି ସଭ୍ୟା ସୁଜାତା ନାଏକ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଯୋଜନା ପ୍ରତେକ ଘରେ ପହଞ୍ଚାଇବାକୁ ବାର୍ତ୍ତା ମାଧ୍ୟମରେ ସଚେତନ କରିଥିଲେ। ପ୍ରତ୍ୟେକ ଗ୍ରାମର ଘରକୁ ଯାଇ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା ସ୍ଥାପନ କରାଯାଉଛି।

## ୭୫ ୟୁନିଟ୍ ରକ୍ତ ସଂଗୃହୀତ



**କଣିହାଁ,୨୮।୧(ସମିସ):** କଣିହାଁ ବ୍ଲକ ବଡ଼ଗୁଣ୍ଡୁରି ପଞ୍ଚାୟତ ଜୋଯୋରାଡ଼ଙ୍ଗା ଗ୍ରାମରେ ଚଳିତ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶ୍ରୀଗଣେଶ ୟୁଥ କ୍ଲବ ଓ ଜୀବନ ସାଥୀ ଫାଉଣ୍ଡେସନର ମିଳିତ ସହଯୋଗରେ ୭୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅତିଥି ଭାବେ ସରପଞ୍ଚ ସସ୍ମିତା ଦଳେଇ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ସମିତି ସଭ୍ୟା ଦୀପ୍ତିମୟୀ ସେଠୀ, ପୂର୍ବତନ ସରପଞ୍ଚ ଲୋକନାଥ ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତା ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ତାଳଚେର ରକ୍ତ ଭଣ୍ଡାରର ଡାକ୍ତର ଝସକେତନ ପ୍ରଧାନ, ଏଲ ଟି କୁମୁଦ ସାହୁ, ପ୍ରସନ୍ନ ବେହେରା, ଗୋପାଳ ବେହେରା, ଷ୍ଟାଫନର୍ସ ପଦ୍ମିନୀ ସାହୁ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। କ୍ଲବ ସଭାପତି ପ୍ରିୟବ୍ରତ ସାହୁ, ସଂପାଦକ ମହେଶ୍ୱର ପ୍ରଧାନ , ଜୀବନସାଥୀ ଫାଉଣ୍ଡେସନ ସଭାପତି ଯୋଗେନ୍ଦ୍ର ବେହେରା, ସମ୍ପାଦକ ଶିଦ୍ଧାର୍ଥ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜେସିଆଇ ପକ୍ଷରୁ ସାମ୍ବାଦିକ ସମ୍ବର୍ଦ୍ଧିତ




**ତାଳଚେର ସଦର,୨୮।୧(ସମିସ):** ଜୁନିୟର ଚାମ୍ବର୍ସ ଇଣ୍ଟର ନ୍ୟାସନାଲ (ଜେସିଆଇ) ପକ୍ଷରୁ ତାଳଚେର ଠାରେ ଗଣତନ୍ତ୍ର ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ରେମୁଆଁ ସ୍ଥିତ ଶ୍ରୀ ଶଙ୍କର ପ୍ରିମିଶେସରେ ଅନୁଷ୍ଠାନ ପକ୍ଷରୁ ଜାତୀୟ ଜୋନ ପୂର୍ବତନ ସଭାପତି ଆଶିଷ ଅଗ୍ରୱାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥଲା ବେଳେ, ତାଳଚେର ଶାଖା ସଭାପତି କୁଶଲ ଅଗ୍ରୱାଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ପରିପେକ୍ଷୀରେ ସାମ୍ବାଦିକତା କ୍ଷେତ୍ରରେ ନିଜର ଲେଖା ମାଧ୍ୟମରେ ପରିଚୟ ସୃଷ୍ଟି କରିଥିବା ସାମ୍ବାଦିକ ତପନ ମହାରଣାଙ୍କୁ ସାଇଲେଣ୍ଟ ୱାର୍କର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦୁଇଜଣ ବିଦ୍ୟୁତ କର୍ମଚାରୀ ଅଙ୍ଗଦ ସାହୁ ଓ ବିଜୟ ବେହେରାଙ୍କୁ ମଧ୍ୟ ସାଇଲେଣ୍ଟ ୱାର୍କର ଭାବେ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦ୍ୱାଦଶ ଦିନରେ ଅନୁଗୋଳ ସଚେତନ ନାଗରିକଙ୍କ ଗଣଧାରଣା

# ଆଗାମୀ ଦିନରେ ହେବ ଅର୍ଥନୈତିକ ଅବରୋଧ

**ଅନୁଗୋଳ,୨୮।୧ (ସମିସ)**

ଅନୁଗୋଳ ସଚେତନ ନାଗରିକ ପକ୍ଷରୁ ଚାଲିଥିବା ଗଣଧାରଣା ଦ୍ୱାଦଶ ଦିନରେ ପହଞ୍ଚିଛି। ଧାରଣା ସ୍ଥଳରେ ଆଜି ଅନୁଗୋଳର ବିଭିନ୍ନ ସାମାଜିକ ଅନୁଷ୍ଠାନ, ବ୍ୟବସାୟିକ ଅନୁଷ୍ଠାନ, ବୁଦ୍ଧିଜୀବୀ, ବରିଷ୍ଠ ଆଇନଜୀବୀ, ସାମ୍ବାଦିକ ଓ ଯୁବ ସମାଜ ଏବଂ ବିଭିନ୍ନ ରାଜନୈତିକ ଦଳୀୟ ନେତୃବୃନ୍ଦଙ୍କୁ ନେଇ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ଯେଉଁଥିରେ ଅନୁଗୋଳ ପଞ୍ଚମହଲା ଠାରୁ ବଅଁରପାଳ ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥ ସମସ୍ୟାର ସମାଧାନ, ବାଇପାସ୍ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତରେ ସମ୍ପୂର୍ଣ୍ଣ କରିବା ପାଇଁ ଓ ଅନୁଗୋଳରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି ଜୋର ଧରିଥିଲା। ଗଣଧାରଣାର ୧୨ଦିନ ବିତିଯାଇଥିଲେ ମଧ୍ୟ କୌଣସି ଲୋକପ୍ରତିନିଧି, ବିଭାଗୀୟ ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ଆଲୋଚନାକୁ ଆସି ନଥିବାରୁ ନିନ୍ଦା କରାଯାଇଥିଲା।




ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ଜାତୀୟ ରାଜପଥ ଦୁରବସ୍ଥା ବିରୋଧରେ ଆନ୍ଦୋଳନ କରିଆସିଥିଲେ ମଧ୍ୟ ତାହା ଏଯାବତ ସମ୍ପୂର୍ଣ୍ଣ ହେଇପାରିଲା ନାହିଁ। ମରାମତି ଆଳରେ ବିଭିନ୍ନ ପାଣ୍ଠିରୁ ଅର୍ଥ ବିନିଯୋଗ ହୋଇ କିଛି ଆଖିଦୃଶିଆ ମରାମତି କାର୍ଯ୍ୟ କରାଯାଇଛି। ପୂର୍ବ ଓ ପଶ୍ଚିମ ଓଡିଶାକୁ ସଂଯୋଗୀ କରୁଥିବା ୫୫ ନମ୍ବର ଜାତୀୟ ରାଜପଥ ଗୁରୁତ୍ୱ ବହନ କରୁଥିବା ବେଳେ କେନ୍ଦ୍ର ସରକାର ଏହାପ୍ରତି ଅବହେଳା କରିଆସୁଛନ୍ତି। ବାଇପାସ କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା ଯାଏଁ ଜାତୀୟ ରାଜପଥ ମରାମତି କାର୍ଯ୍ୟ ନିୟମିତ ଭାବେ କରାଯିବା ପାଇଁ ମତାମତ ଆସିଥିଲା। ସେହିପରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନୁଗୋଳରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ତାହା କାର୍ଯ୍ୟକ୍ଷମ କରିବା ପରିବର୍ତ୍ତେ ପ୍ରତ୍ୟାହୃତ କରାଯିବା ଓ ତାହାକୁ ସରକାରୀ ଡାକ୍ତରଖାନାର ପରିଣତ କରାଯିବା କଥାକୁ ନିନ୍ଦା କରାଯାଇଥିଲା। ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ତଥା ଡାକ୍ତରୀ ଶିକ୍ଷା ପ୍ରଦାନ ନିମନ୍ତେ ଆଉ ଏକ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ଧରିଥିଲା। ଅନୁଗୋଳରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି ଉଠିଥିଲା। ଉପରୋକ୍ତ ସମସ୍ୟା ଓ ଆବଶ୍ୟକତା ଉପରେ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ନଚେତ ଆଗାମୀ ଦିନରେ ଅର୍ଥନୈତିକ ଅବରୋଧ ସହିତ ଅନୁଗୋଳ ବନ୍ଦ ଡାକରା ଦେବା ପାଇଁ ସଚେତନ ନାଗରିକ ଚେତାବନୀ ଦେଇଛନ୍ତି। ଆଜିର ସାଧାରଣ ବୈଠକରେ ଜିଲ୍ଲା ବଣିକ ସଙ୍ଘ, ବସ ମାଲିକ ସଙ୍ଘ, ନାଲକୋ କର୍ମଚାରୀ ସଙ୍ଘ, ଜିଲ୍ଲାର ବରିଷ୍ଠ ଆଇନଜୀବୀଗଣ, ବରିଷ୍ଠ ଶିକ୍ଷାବିତ୍, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ, ଜିଲ୍ଲା ଠିକାଦାର ସଙ୍ଘ, ଗୋ ସୁରକ୍ଷା ସମିତି, ବିଭିନ୍ନ ସାହି ପୂଜା କମିଟି ସଦସ୍ୟଗଣ, ଡ୍ରାଇଭର ମହାସଂଘର ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସାମାଜିକ ସଂଗଠନ ଏବଂ ଶତାଧିକ ସାଧାରଣ ଜନତା ଓ ପଥଚାରୀ ଯୋଗ ଦେଇଥିଲେ।

## ଅଙ୍ଗାରବନ୍ଧ ମହିମା ଧାମ ପରିଚାଳନା କମିଟି ଗଠିତ

**ଅନୁଗୋଳ, ୨୮।୧ (ସମିସ):** ଆଗାମୀ ୧୬୧ତମ ମାଘ ମେଳା ଓ ଅନ୍ତର୍ଜାତୀୟ ମହିମା ମହୋତ୍ସବ ୨୦୨୪ ଫେବୃଆରୀ ୨୨ ରୁ ୨୬ ତାରିଖ ପାଞ୍ଚ ଦିନ ବ୍ୟାପୀ ଅଙ୍ଗାରବନ୍ଧ ମାହିମା ଧାମରେ ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲା ପ୍ରଶାସନିକ ପ୍ରସ୍ତୁତି ବୈଠକ ପରେ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ହେବ। ଉକ୍ତ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ଅଙ୍ଗାରବନ୍ଧ ମାହିମା ଧାମରେ ଦୀର୍ଘ ୨୮ ବର୍ଷ ପରେ ନୂତନ ପରିଚାଳନା କମିଟି ଗଠନ ହୋଇଯାଇଛି। ପୂର୍ବରୁ ୧୯୯୫ ମସିହା ବୈଶାଖ ପୂର୍ଣ୍ଣମୀରେ ଗଠନ ହୋଇଥିବା ଅଙ୍ଗାରବନ୍ଧ ମହିମାଧାମ ପରିଚାଳନା କମିଟିର ସଦସ୍ୟଗଣ, ଏଯାବତ ଧାମର ବିଭିନ୍ନ କାର୍ଯ୍ୟକ୍ରମ ତୁଲାଇ ଆସୁଥିଲେ। ତେବେ ବଦଳୁଥିବା ସମୟ ଏବଂ ନୂତନ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ନୂତନ ପରିଚାଳନା କମିଟି ଗଠନ ହୋଇଯାଇଛି। ଏହି କମିଟିରେ ସଭାପତି ଭାବେ ବାବା ମୁରଲୀଧର ଦାସଙ୍କୁ ମନୋନୀତ କରାଯାଇଥିବା ବେଳେ, ଉପ-ସଭାପତି ଶିବ ସାହୁ, ସମ୍ପାଦକ ଅଲେଖ ଚନ୍ଦ୍ର ବେହେରା, ସହ ସମ୍ପାଦକ ଭ୍ରମରବର ପ୍ରଧାନ ଏବଂ କୋଷାଧକ୍ଷ ବିଜ୍ଞାନୀ କୁମାର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ଷୋହଳଘରିଆ ଭକ୍ତଙ୍କ ପରିବାରରୁ ଜଣେ ଲେଖାଏ ଭକ୍ତ ସଭ୍ୟ ରୂପେ ମନୋନୀତ ହୋଇଛନ୍ତି। ଦିଲୀପ ପ୍ରଧାନ, କରୁଣାକର ସାହୁ, ସଞ୍ଜୟ ସାହୁ, ସନ୍ତୋଷ ସାହୁ, ନରେଶ ସାହୁ, ଅନାମ ସାହୁ, ନିରଞ୍ଜନ ସାହୁ, ଅକ୍ଷୟ ବେହେରା, କାର୍ତ୍ତିକ ବେହେରା, ଭଗବାନ ସାହୁ, ବିଜୟ ସାହୁ, ରତ୍ନାକର ପ୍ରଧାନ ପ୍ରମୁଖ ୧୭ ଜଣ ସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ ହୋଇଛି।

## ଅନୁଗୋଳ ଜିଲ୍ଲା ପ୍ରଧାନ ଆଚାର୍ଯ୍ୟ ବୈଠକ

**ଆଠମଲ୍ଲିକ, ୨୮।୧ (ସମିସ):** ଗତ ୨୭ ଓ ୨୮ ତାରିଖ ଦୁଇଦିନ ଜିଲ୍ଲାସ୍ତରୀୟ ପ୍ରଧାନ ଆଚାର୍ଯ୍ୟ ବୈଠକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଠମଲ୍ଲିକ ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ସ୍ଥାନୀୟ ବିଦ୍ୟାଳୟର ସଭାପତି ଆଦିତ୍ୟ କୁମାର ସାହୁ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ଭବାନି ପ୍ରସାଦ ଜ୍ୟୋତିଷ ରାୟ, ବିଦ୍ୟାଳୟର ଉପସଭାପତି କଷ୍ୟପ କ୍ଷେତୀ, ସମ୍ପାଦକ ଧ୍ରୁବଚରଣ ବଡମାଳୀ ଉପସ୍ଥିତ ଥିଲେ। ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ, ବିଭାଗ ନିରୀକ୍ଷକ ବିରଞ୍ଚି ନାରାୟଣ. ମହାପାତ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା ଅତିଥିଗଣଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ସମ୍ପାଦକ ଧ୍ରୁବଚରଣ ବଦମାଳି ଧନ୍ୟବାଦ ଅର୍ପଣ କରିଥିଲେ।



## ଓଡ଼ିଆ ଅସ୍ମିତା ରକ୍ଷଣ ପାଇଁ ବିଇଡି କଲେଜରେ ଆଲୋଚନାଚକ୍ର



**ଅନୁଗୋଳ, ୨୮।୧(ସମିସ):** ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ 'ନୂଆ-ଓ' ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ମହାବିଦ୍ୟାଳୟର ଅଧକ୍ଷା ଡଃ ଦ୍ରୌପଦୀ ପଟେଲଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଥିଲା। 'ସାମ୍ପ୍ରତିକ ଯୁବଚେତନା : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରସଙ୍ଗରେ ଆୟୋଜିତ ହୋଇଥିବା ଆଲୋଚନାଚକ୍ରରେ ବିଚାରକ ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ଦଧିବାବନ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ, ବରିଷ୍ଠ ଶିକ୍ଷୟିତ୍ରୀ ତଥା ସାହିତ୍ୟ ସାଧିକା ଦୀପ୍ତିମୟୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ନୂଆ ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାର ନୋଡାଲ୍ ଅଧିକାରୀ ତଥା ସହକାରୀ ପ୍ରଫେସର ବନମାଳୀ ବାଗ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆଲୋଚନାଚକ୍ର ପରିଷଦର ଯୁଗ୍ମ ଆବାହକ ତଥା ସହକାରୀ ପ୍ରଫେସର ଶିବପ୍ରସାଦ ମଲ୍ଲିକ୍, ଶିକ୍ଷାର୍ଥୀଙ୍କ ସାରାଂଶ ଉପସ୍ଥାପନା କରିଥିଲେ। ଯୁଗ୍ମ ଆବାହିକା ଡଃ ଶୃତିରୁପା ପଣ୍ଡା ଧନ୍ୟବାଦ ଦେଇଥିବା ବେଳେ, ଛାତ୍ରସଂସଦ ଉପଦେଷ୍ଟା ତଥା ସହକାରୀ ପ୍ରଫେସର ପ୍ରତ୍ୟୁଷ ରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସମସ୍ତ ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକାଙ୍କ ସମେତ ସମ୍ମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ୬୦୦୦ ମଦ ପାଉଚ ସହ ପିକଅପ୍ ଭ୍ୟାନ୍ ଜବତ

**କିଶୋରନଗର, ୨୮।୧(ସମିସ):** କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ ପାଇଁ ପଞ୍ଚାୟତବାସୀ ସଂକଳ୍ପ ନେଇ ଗାଁ ଗାଁରେ ବୈଠକ କରିଛନ୍ତି। କୌଣସି ଗ୍ରାମରେ ମଦବିକ୍ରି ହୋଇପାରିବ ନାହିଁ କି ଗାଁ ରାସ୍ତାରେ ମଦ ଚୋରାଚାଲାଣ ଗାଡ଼ିକୁ ମଧ୍ୟ ପୁରାଇ ନ ଦେବାକୁ ନିଷ୍ପତ୍ତି ହୋଇଛି। ଘୋଷର ଦେଶୀ ମଦ ଭାଟିରୁ ବେନିୟମ ଭାବେ ଏକ ପିକଅପ୍ ଭ୍ୟାନରେ ୬୦୦୦ ଦେଶୀ ମଦ ପାଉଚ୍ ଟୁସର ମଦ ଭାଟିକୁ ଚାଲାଣ ହେଉଥିବା ବେଳେ ଆଜି କଦଳୀମୁଣ୍ଡା ପଞ୍ଚାୟତବାସୀ ଗାଡ଼ିକୁ ଜବତ କରି କିଶୋରନଗର ପୁଲିସ୍ ଜିମା ଦେଇଥିଲେ। ପୁଲିସ୍ ଗାଡ଼ିକୁ ଜବତ କରିବା ସହ ୬୦୦୦ ମଦ ପାଉଚକୁ ଜବତ କରିଛି।



## ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କଣିହାଁ, ୨୮।୧ (ସମିସ): କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ ଡେରଙ୍ଗ ଗ୍ରାମର ୟୁଥ କ୍ଲବ ତରଫରୁ ଭଲିବଲ ଟୁର୍ଣ୍ଣାମେଣ୍ଟ ଡେରଙ୍ଗ ମେଡିକାଲ ଛକ ଭଲିବଲ ଖେଳ ପଡିଆ ଠାରେ ଉଦଘାଟିତ ହୋଇଯାଇଛି। ଏଥିରେ ଅତିଥିଭାବେ ଡେରଙ୍ଗ ଗ୍ରାମର ସଭାପତି ଦିଲ୍ଲୀପ କୁମାର ବେହେରା, ଡେରଙ୍ଗ ଗ୍ରାମ ପଞ୍ଚାୟତ ବିଜେଡି ସଭାପତି ପୁରଷୋତ୍ତମ ସାହୁ, ଡେରଙ୍ଗ ସରପଞ୍ଚ ସଂଯୁକ୍ତା ବେହେରା, ନାଏବ ସରପଞ୍ଚ ବୁଲୁ ସାହୁ, ଝୁନା ସାହୁ, ସୁନିଲ ସାହୁ, ସୁଧାକର ବେହେରା, ଦିବାକର ବେହେରା, ସୁବାଷ ବେହେରା, ଲିପୁ ସାହୁ, ରଞ୍ଜନ କୁମାର ସାହୁ, ଟିକନ ବେହେରା, ସାମ୍ବାଦିକ ଦୁଷ୍ମନ୍ତ ବେହେରା, ଦୀପକ ବେହେରା, ରଞ୍ଜନ କୁମାର ସାହୁ, ଜିତେନ୍ କୁମାର ସାହୁ ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। କଣିହାଁ ବ୍ଲକର ୮ଟି ଦଳକୁ ନେଇ ଏହା ଅନୁଷ୍ଠିତ ହୋଇଯାଇଛି।

# ଏନ୍‌ଟିପିସି କଣିହାଁରେ ଗଣତନ୍ତ୍ର ଦିବସ ପାଳିତ









**ତାଳଚେର, ୨୮ ।୧(ସମିସ)**

ଏନଟିପିସି ତାଳଚେର କଣିହାଁ ଠାରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏନଟିପିସି ତାଳଚେର କଣିହାଁର ପ୍ରକଳ୍ପ ମୁଖ୍ୟ ଏ.କେ ସେହେଗଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ଷ୍ଟାଡିୟମ ଠାରେ ଅନୁଷ୍ଠିତ ସିଏସ୍‌ଏଫ୍, ଟାଉନସିପ୍ ସୁରକ୍ଷା କର୍ମୀ ଏବଂ ଛାତ୍ର ଟାଉନସିପ୍ ବିଦ୍ୟାଳୟର ମାର୍ଚ୍ଚ ପାଷ୍ଟରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଉତ୍ସବ ପାଳନ ଅବସରରେ ରଙ୍ଗୀନ ବେଲୁନ୍ ଆକାଶକୁ ଛଡ଼ାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ (ଓଆଣ୍ଡଏମ୍)ସତ୍ୟରାମ କ୍ରୀଷ୍ଣା, ଜିଏମ୍ (ଏଫଏମ୍)ପ୍ରକାଶ କୁମାର, ଜିଏମ୍ (ମେଣ୍ଟେନାନ୍ସ)ଏ.ଜେ. ରାଜକୁମାର, ହେଡ୍ ଅଫ୍ ଏଚଆର ବି କେ ପାଣ୍ଡେ, ତନଭି ସଙ୍ଗମ ଅଧକ୍ଷା ରେନୁ ସେହେଗଲ, ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା, ୟୁନିଅନ୍ ଏବଂ ଆସୋସିଏସନ୍ ଏହି ଅବସରରେ ଉପସ୍ଥିତ ଥିଲେ। ସେହିପରି ଏଭର ସାଇନ୍ ନର୍ସରୀ ବିଦ୍ୟାଳୟରେ ତନଭି ସଙ୍ଗମ ଅଧକ୍ଷା ରେନୁ ସେହେଗଲଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରାଯାଇଥିଲା।

### ଡିଏଭି ପବ୍ଲିକ୍ ସ୍କୁଲ

**ଥର୍ମାଲ :** ସ୍ଥାନୀୟ ଡି ଭି ପବ୍ଲିକ୍ ସ୍କୁଲ ଏନଟିପିସି/ଟିଟିପିପି ପରିସରରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଡ ସମୀର କୁମାର କାନୁନଗୋ ରାଷ୍ଟ୍ରୀୟ ପତାକା ଉତ୍ତୋଳନ ପୂର୍ବକ ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ କୁମାରୀ ମାହେଶ୍ୱରୀ ଜେନା, କୁମାରୀ ଏସ ଏମ ରତୁପର୍ଣ୍ଣା ଓ ଶିକ୍ଷକ ଧୀରେନ୍ଦ୍ର କୁମାର ପାଣିଗ୍ରାହୀ ଛାତ୍ର ଛାତ୍ରୀଙ୍କୁ ଏହି ଦିବସର ମହାନତା ବିଷୟରେ ସୂଚନା ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ କୁମାରୀ ଅର୍ଚ୍ଚନା ରାଉତରାୟଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଅପୂର୍ବା ବେହେରା ଓ ଛାତ୍ର ରାଜବୀର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ ବିଦ୍ୟାଳୟର ଶିକ୍ଷକ ମହେନ୍ଦ୍ର କୁମାର ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଭୁବନ

ଭୁବନ ଅଞ୍ଚଳରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ୭୫ ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଭୁବନ ଏନ୍‌ଏସି କାର୍ଯ୍ୟାଳୟଠାରେ ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଇଚଙ୍କ ନେତୃତ୍ୱରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ। ଭୁବନ ଥାନାରେ ଭୁବନ ଥାନା ଅଧିକାରୀ ନରେଶ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ। କାଳୀବଜାର ଠାରେ ସଭାପତି ସମୀର କୁମାର ସାହୁ, ଭୁବନ ବ୍ଲକ ପରିଷରରେ ବ୍ଲକ ଅଧକ୍ଷା ସିପ୍ରା ବରାଳ ପତାକା ଉତ୍ତୋଳନ କରିଥିଲେ। ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ଥାନୀୟ ନୂଆବଜାରଠାରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ୨୦ ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପରେଡରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଲକ୍ଷ୍ମୀ ବଜାରରେ ବଜାର ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଇଚ, ୯ ନଂ ଗୋପାଳ ମଣ୍ଡପ ଠାରେ କାଉନସିଲର ପପୁ ସାହୁ , ୧୧ ନଂ.ରେ ଲକ୍ଷ୍ମୀ ଛକଠାରେ ପୂର୍ବତନ ଚେୟାରମ୍ୟାନ ନନ୍ଦକିଶୋର ସାହୁ ପତାକା ଉତ୍ତୋଳନ କରିଥିଲେ।

### ମୀରାବାଈ କଳାବିକାଶ କେନ୍ଦ୍ର

ଭୁବନ ମୀରାବାଈ କଳା ବିକାଶ କେନ୍ଦ୍ରରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଚିତ୍ରଶିଳ୍ପୀ ନାରାୟଣ ସାହୁ ପତାକା ଉତ୍ତୋଳନ କରିଥିଲେ। ଜାତୀୟ ସଙ୍ଗୀତ ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ମିଶନ ଶକ୍ତି ସଭାମଣ୍ଡଳ ନେତ୍ରୀ ଜୟନ୍ତୀ ପୃଷ୍ଟି ନାରୀ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ମା' ଭବାନୀ ଟାକ୍ ସଙ୍ଗ ସଦସ୍ୟାମାନେ ଓ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ହୃଷୀକେଶ ନାୟକ, ପଞ୍ଚାନନ ପ୍ରଧାନ, କୈଳାସ ଚନ୍ଦ୍ର ପୃଷ୍ଟି, ଅଶ୍ୱିନୀ ମହାପାତ୍ର , କୃଷ୍ଣଚନ୍ଦ୍ର ମଲ୍ଲିକ, ଶରତ ବେହେରା, ଶାନ୍ତିଲତା ଗୁରୁ, ମାତାଜୀ ବେହେର, ଅଞ୍ଜନା ସେନ, ବ୍ରହ୍ମାନନ୍ଦ ସାହୁ ସହଯୋଗ କରିଥିଲେ। ଓଡିଶା ସଂଗୀତ ଏକାଡ଼େମୀର ସଦସ୍ୟ ତଥା ଅନୁଷ୍ଠାନର ମୁଖ୍ୟ ଭଗବାନ ଗୁରୁ ପରିଚାଳନା କରିଥିଲେ।

### ପିଙ୍ଗୁଆ ହାଇସ୍କୁଲ

ଗଣତନ୍ତ୍ର ଦିବସରେ ପିଙ୍ଗୁଆ ହାଇସ୍କୁଲ ପଡ଼ିଆରେ ପ୍ରଧାନଶିକ୍ଷକଙ୍କ ଅଧକ୍ଷତାରେ ଏକ ପରେଡ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ସମସ୍ତ ସ୍କୁଲର ପିଲାମାନେ ଆସି ପଡ଼ିଆରେ ଏକତ୍ରିତ ହୋଇଥିଲେ। ସରପଞ୍ଚ ପବିତ୍ରରଞ୍ଜନ ମହାଳିକ ମୁଖ୍ୟଅତିଥି ଭାବେ ପତାକା ଉତ୍ତୋଳଳନ କରିଥିଲେ। ପିଲାମାନେ ଜାତୀୟ ସଂଗୀତ ଗାନ କରିଥିଲେ। ସ୍କୁଲର ଶିକ୍ଷକ, ଗ୍ରାମର ପୂର୍ବତନ ସରପଞ୍ଚ ସୁଧୀର କୁମାର ସାହୁ, ସଭାପତି ମନୋଜ କୁମାର ବେହେରା, ପୂର୍ବତନ ନାଏବ ସରପଞ୍ଚ ତ୍ରିଲୋଚନ ପୃଷ୍ଟି ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ।

■ ଘୋଷର ପ୍ରିମିୟର ଲିଗ୍ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସର୍ଗିପାଲ୍ଲୀ ଚାମ୍ପିଅନ




କିଶୋରନଗର, ୨୮।୧(ସମିସ): କିଶୋରନଗର ବ୍ଲକ ଘୋଷର ଗ୍ରାମ ଖେଳ ପଡ଼ିଆରେ ମା' ମାହେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଘୋଷର ପ୍ରିମିୟର ଲିଗ୍ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦଯାପନୀ ମ୍ୟାଚରେ ସର୍ଗିପାଲ୍ଲୀ ଦଳ ରେଢାଖୋଲ ଦଳକୁ ୩ ରନରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧକ୍ଷ ଲବ କୁମାର ପ୍ରଧାନ, ହିମିତିରା ସରପଞ୍ଚ ସୁମିତ୍ରା ସେଠୀ ଯୋଗଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ଟୁକୁ ପ୍ରଧାନ ଓ ସୁନୀଲ ଦାସ ଅମ୍ପାୟାର ଦାୟିତ୍ୱ ତୁଲାଇଥିବା ବେଳେ ଲିପନ ଶତପଥୀ ଓ ଦିଲୀପ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ। ରତି ରଜନ ରାଉତ ସ୍କୋରର ଦାଇତ୍ୱ ତୁଲାଇଥିଲେ। ମାହେଶ୍ୱରୀ କ୍ଲବର ଶୁଭାଶିଷ ପ୍ରଧାନ, ଭବାନୀ ଶଙ୍କର ସାହୁ, ପ୍ରବୀଣ ରାଉଳଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବିଡିଓଙ୍କ ସରକାରୀ ବାସଭବନରୁ ଚୋରି

**ରାଜକନିକା, ୨୮।୧(ସମିସ):** ରାଜକନିକା ବ୍ଲକ ବିଡ଼ିଓ ପୃଥ୍ୱୀରାଜ ପରିଡ଼ାଙ୍କ ସରକାରୀ ବାସଭବନରୁ ଚୋରି ହୋଇଛି । ଏନେଇ ରାଜକନିକା ଥାନାରେ ଲିଖିତ ଅଭିଯୋଗ ହୋଇଛି। ବିଡ଼ିଓ ଶ୍ରୀଯୁକ୍ତ ପରିଡ଼ା ଗତ ୨୬ତାରିଖ ଦିନ ବ୍ଲକ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିବା ପରେ ଛୁଟିରେ ଗାଁକୁ ଯାଇଥିଲେ। ଶନିବାର ସନ୍ଧ୍ୟାରେ ଫେରିବା ପରେ ଦେଖିଥିଲେ ବାସଭବନର ସମ୍ମୁଖ ଦ୍ୱାର ଖୋଲା ରହିଛି। ଭିତରକୁ ଯାଇ ଦେଖନ୍ତି ତ ତାଙ୍କ ବାସଭବନରୁ ଚୋରି ହୋଇଛି । ବିଡ଼ିଓ ସଙ୍ଗେ ସଙ୍ଗେ ଏ ନେଇ ରାଜକନିକା ଥାନାକୁ ଖବର କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ରବିବାର କେନ୍ଦ୍ରାପଡ଼ାରୁ ସାଇଣ୍ଟିଫିକ୍ ଟିମ୍, କଟକରୁ ସନ୍ଧାନୀ କୁକୁର ଆସିବା ପରେ ଛାନ୍‌ବିନ୍ କରାଯାଇଛି । ମାତ୍ର ଏନେଇ କ'ଣ ସୂରାକ ମିଳିଲା ଜଣାପଡ଼ିନାହିଁ। ତେବେ ପ୍ରଶ୍ନ ଉଠୁଛି ରାଜକନିକା ଥାନାରୁ ମାତ୍ର ଶହେ ମିଟର ଦୂରରେ ଥିବା ଜଣେ ପ୍ରଶାସନିକ ଅଧିକାରୀଙ୍କ ସରକାରୀ ବାସଭବନରୁ ଯଦି ଚୋରି ହୋଇପାରୁଛି ତେବେ ଗାଁ ଗହଳିରେ ରହୁଥିବା ସାଧାରଣ ଲୋକ କେତେ ସୁରକ୍ଷିତ। ଏହି ଘଟଣାରେ ରାଜକନିକା ପୁଲିସର ପ୍ରତିକ୍ରିୟା ମିଳିପାରିନାହିଁ। ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂ କଡାକଡି କରିବାକୁ ସାଧାରଣରେ ଦାବି ହୋଇଛି ।

## ବାଲୁଙ୍କେଶ୍ୱର ବିଦ୍ୟାପୀଠରେ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ଡେରାବିଶ, ୨୮।୧(ସମିସ):** ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ୪୪ ତମ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର କାନନବାଳା ନାୟକ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସେଫଟି ଆଣ୍ଡ ସିକ୍ୟୁରିଟି ଅଫିସର ପ୍ରଭାସ ଚନ୍ଦ୍ର ଦାସ ମୁଖ୍ୟ ଅତିଥିଭାବରେ ଯୋଗଦେଇଥିଲେ। ଜିଲ୍ଲା ୱେଲଫେୟାର ଅଫିସର ଗୁରୁଚରଣ ମଲିକ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲା ବେଳେ ଡେରାବିଶ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, କେନ୍ଦ୍ରାପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ, ମୋସ୍କୁଲ ଅଭିଯାନର ସଭାପତି ଦୀପକ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ବିଷ୍ଣୁ ଚରଣ ନାୟକ ଓ ସିଆରସିସି ଅୟସକାନ୍ତ ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରଛାତ୍ରୀମାନେ କରିଥିବା ବିଭିନ୍ନ ଷ୍ଟଲକୁ ପରିଦର୍ଶନ କରିବା ପରେ ବାର୍ଷିକ କ୍ରୀଡ଼ା ଓ ପ୍ରୋଫିସିଏନସି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଡେରାବିଶ, ୨୮।୧(ସମିସ):** ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ସନ୍ଥପୁରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରାମଗୋପାଳ ଧଳ (୮୬)ଙ୍କ କଟକ ସ୍ଥିତ ବାସଭବନରେ ପରଲୋକ ଘଟିଛି। ମରଶରୀରକୁ ଏକ ଶୋଭାଯାତ୍ରାରେ ତାଙ୍କ ଜନ୍ମସ୍ଥାନ ସନ୍ଥପୁରା ଗ୍ରାମକୁ ଅଣାଯାଇଥିଲା। ସେଠାରେ ବହୁ ଛାତ୍ର, ଶୁଭେଚ୍ଛୁ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ କୃତ୍ୟ ସମ୍ପନ୍ନ ହୋଇଥିଲା। ଭଣଜା ଆକାଶ ଚନ୍ଦ୍ର ନାୟକ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ ସ୍ୱର୍ଗତ ଧଳଙ୍କର କନିଷ୍ଠା କନ୍ୟା ଇତିଶ୍ରୀ ସାମଲ ଯାଜପୁର ଜିଲ୍ଲା ବଡ଼ଚଣା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷା ଏବଂ ସମ୍ପ୍ରତି ବିଜେଡ଼ିର ରାଜ୍ୟ ମହିଳା ସଭାନେତ୍ରୀ।

### ଜୟ ବଜରଙ୍ଗବାଲି କପ୍ ଟୁର୍ଣ୍ଣାମେଣ୍ଟ

## ରାଜଧାନୀକୁ ହରାଇ କଟକ ଚାମ୍ପିଅନ୍



**ପଞ୍ଚୁପାଣ୍ଡବ, ୨୮।୧(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ରାଜନଗର ଗ୍ରାମର ସୁନ୍ଦରୀପଡ଼ିଆଠାରେ ୭ ଦିନିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସରପଞ୍ଚ ଭକ୍ତିଲତା ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସମିତିସଭ୍ୟ ମୋନାଲିସା ମଲିକ ଯୋଗଦେଇଥିଲେ। ପ୍ରଥମେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଭୁବନେଶ୍ୱର ୫ ୱିକେଟ୍ ହରାଇ ୧୨୫ ରନ୍ କରିଥିଲା। ଜବାବରେ ସୋଲାର କ୍ରିକେଟ କ୍ଲବ କଟକ ନିର୍ଦ୍ଧାରିତ ଓଭରରେ ୧୨୬ ରନ୍ କରି ବିଜୟୀ ହୋଇଥିଲା। ନିର୍ମଳ ମଲ ଓ ଅସିତ ସାମନ୍ତରାୟ ଖେଳ ପରିଚାଳନା କରିଥିବା ବେଳେ ନଳିନୀ ପ୍ରଭା ସ୍ୱାଇଁ, ନିହାର ରଞ୍ଜନ ମଲିକ, ସତ୍ୟରଞ୍ଜନ ମଲିକ, ପବିତ୍ର ମଲିକ ଓ ନାରାୟଣ ଶର୍ମା ସହଯୋଗ କରିଥିଲେ।

### 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

# 'ଯୁବଶକ୍ତି ହିଁ ଆଣିପାରିବ ନବୀନ ଓଡ଼ିଶାରେ ବ୍ୟାପକ ରୂପାନ୍ତର'

**କେନ୍ଦ୍ରାପଡ଼ା, ୨୮।୧(ସମିସ):**



ସ୍ଥାନୀୟ ବାରୋ ପଡ଼ିଆରେ ଜିଲ୍ଲାସ୍ତରୀୟ 'ନୂଆ-ଓ' ଉତ୍ସବ 'ଯୁବ ଓଡ଼ିଶା ନବୀନ ଓଡିଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ାର ଯୁବଶକ୍ତିଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହ ଏକ ସଶକ୍ତ ନବୀନ ଓଡ଼ିଶା ଗଠନ ପାଇଁ ଭିଡିଓ ବାର୍ତ୍ତା ମାଧ୍ୟମରେ ଆହ୍ୱାନ ଜଣାଇଥିଲେ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କେନ୍ଦ୍ରାପଡ଼ାରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସହ ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଥିବା ବୃହତ ଇସ୍ପାତ୍ ଶିଳ୍ପ ସମ୍ପର୍କରେ ଏକ ଅଡିଓ-ଭିଜୁଆଲ ଯୋଗେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାର ସମସ୍ତ ସ୍କୁଲ୍ କଲେଜ '୫-ଟି' ଅଧୀନରେ ରୂପାନ୍ତରିତ ହେଉଥିବା ବେଳେ ପ୍ରତ୍ୟେକ ବର୍ଷ ଏହି ନୂଆ ଓ' ଉତ୍ସବ କରାଯିବ ବୋଲି ଶ୍ରୀଯୁକ୍ତ ପାଣ୍ଡିଆନ୍ କହିଥିଲେ। ଏହି ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଏହି ଉତ୍ସବ ପଛର ମହତ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବଶକ୍ତି ହିଁ ଆଣିପାରିବେ ନବୀନ ଓଡ଼ିଶାରେ ବ୍ୟାପକ ରୂପାନ୍ତର। ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନରେ ସେମାନଙ୍କ ଭାଗିଦାରୀ ଅପରିହାର୍ଯ୍ୟ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଅତନୁ ସବ୍ୟସାଚୀ ନାୟକ । ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ବାରୋପଡ଼ିଆ ଗସ୍ତ କରି ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ସମଗ୍ର ଜିଲ୍ଲାର ୮୨ଟି କଲେଜରୁ ପ୍ରାୟ ୧୦ ହଜାର ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର, ପୁଷ୍ପଗୁଚ୍ଛ ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ସେହିପରି ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅର୍ଥରାଶି, ପୁଷ୍ପଗୁଚ୍ଛ, ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା ।

ସୂଚନାଯୋଗ୍ୟ, ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାର ପ୍ରଥମ ସ୍ଥାନ ପାଇଁ ୫୦ହଜାର ଟଙ୍କା ଅର୍ଥରାଶିର ବ୍ୟବସ୍ଥା ଥିବା ବେଳେ ଦ୍ୱିତୀୟ ପାଇଁ ୩୦ହଜାର, ତୃତୀୟ ଓ ଚତୁର୍ଥ ପାଇଁ ୨୦ ହଜାର ଟଙ୍କା ପୁରସ୍କାର ବ୍ୟବସ୍ଥା ହୋଇଥିଲା । ବିଭିନ୍ନ କଲେଜର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ରାଜ୍ୟର ସ୍ୱନାମଧନ୍ୟ ନୃତ୍ୟଶିଳ୍ପୀ ଓ କଣ୍ଠଶିଳ୍ପୀଙ୍କ ମଧୁର ମୂର୍ଚ୍ଛନାରେ ଯୁବଶକ୍ତି ଝୁମିଥିଲେ ।

ଏହି ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜଳନ୍ଧର ଜାଲି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ତହସିଲ୍‌ର ତହସିଲ୍‌ଦାର, ବ୍ଲକର ବିଡିଓ, ଲାଇନ୍ ଡିପାର୍ଟମେଣ୍ଟ୍‌ର ପଦାଧିକାରୀ, ସମସ୍ତ କଲେଜର ନୋଡାଲ ଅଫିସର, ଜିଲ୍ଲା ପରିଷଦର ସଭ୍ୟସଭ୍ୟା, ସମିତି ସଭ୍ୟ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ ।

## ଶିକ୍ଷାବିତ୍ ବାନାମ୍ବର ସାହୁଙ୍କ ସ୍ମୃତିଚାରଣ

**ଡେରାବିଶ, ୨୮।୧(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଜମଧର ଗ୍ରାମର ଅବସରପ୍ରାପ୍ତ ଶିକ୍ଷାବିତ୍ ସ୍ୱର୍ଗତ ବାନାମ୍ବର ସାହୁଙ୍କ ସ୍ମୃତିଚାରଣ ସଭା ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମଦନ ମୋହନ ବେହେରା ସଂଯୋଜନା କରିଥିଲେ। ଏହି ସଭାରେ ଶିକ୍ଷକ ସଂଘର ରାଜ୍ୟ, ଜିଲ୍ଲା ଓ ବ୍ଲକ ସଂଘର କର୍ମକର୍ତ୍ତା, ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ବିଶ୍ୱହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବଜରଙ୍ଗ ଦଳ, ଧର୍ମରକ୍ଷା ସେନା, ଭାରତୀୟ ଜନତା ପାର୍ଟି, ବଳଦେବ ସାଂସ୍କୃତିକ ପରିଷଦ, ବୀଣାପାଣି ସଙ୍ଗୀତ ସଦନ, ମଧୁସାଗର ମହୋତ୍ସବ କମିଟିର କର୍ମକର୍ତ୍ତାମାନେ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପଣ୍ଡିତ ହୃଷିକେଶ ରଥ, କାର୍ତ୍ତିକ ଚରଣ ନାୟକ, ବିବେକାନନ୍ଦ ମହାରଣା, ପ୍ରାକ୍ତନ ସରପଞ୍ଚ ଅଭିମନ୍ୟୁ ମହାନ୍ତି, ଦେବକୀନନ୍ଦନ ମିଶ୍ର, ଅଶ୍ୱିନୀ କୁମାର ମିଶ୍ର ପ୍ରମୁଖ ଯୋଗେଇ ସ୍ୱର୍ଗତ ସାହୁଙ୍କ ଗୁଣାବଳୀ, ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଶେଷରେ ସ୍ଥାନୀୟ ସରପଞ୍ଚ ରାଜକିଶୋର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ତାଙ୍କର ଏକମାତ୍ର ପୁଅ ସିଦ୍ଧାର୍ଥ ଆତିଥେୟତା ପ୍ରଦାନ କରିଥିଲେ।

## ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି; ବାଲେଶ୍ୱର ସେମିରେ

**ରାଜନଗର, ୨୮।୧(ସମିସ):** ରାଜନଗର ବ୍ଲକ ସ୍ଥିତ ବଡପଲ୍ଲୀ ସ୍ଥିତ ଚଞ୍ଚଳା ଟ୍ରଫି ମିନି ଷ୍ଟାଡିଅମରେ ଚାଲିଥିବା ରାଜ୍ୟସ୍ତରୀୟ ୪୨ ତମ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ୪ର୍ଥ କ୍ୱାର୍ଟର ଫାଇନାଲରେ ବିଏମସିସି ଯାଜପୁରକୁ ହରାଇ ଜେସିଏ ବାଲେଶ୍ୱର ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲ ପ୍ରବେଶ କରିଛି । ଆଜି ଟସ ଜିତି ବାଲେଶ୍ୱର ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଯାଜପୁର ୨୩ ଓଭରରେ ୯ଉଇକେଟ ହରାଇ ୧୩୨ ରନ କରିଥିଲା । ଦଳର ରାଜ ପ୍ରିତମ ବାରିକ ୪୩ବଲରେ ୪୭ ରନ କରିଥିଲେ। ୧୩୩ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇ ଥିବା ବାଲେଶ୍ୱର ୧୦ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳର ଜଗଦୀଶ ସା ୩୦ ବଲରେ ୫୦ରନ କରିଥିଲେ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଜିଲ୍ଲା ଶାଖା ବୈଠକ

**ଡେରାବିଶ, ୨୮।୧(ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟଠାରେ ସଂଘର କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିତ୍ୟାନନ୍ଦ ସାମଲ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମକାର୍ଯ୍ୟାଳୟ ଶ୍ରମିକମାନଙ୍କ ସ୍ୱାର୍ଥଠାରୁ ଦୂରକୁ ଚାଲିଯାଇଛି। କର୍ମଚାରୀମାନଙ୍କ ନିଜ ସ୍ୱାର୍ଥ ହାସଲ କାର୍ଯ୍ୟାଳୟରେ ପରିଣତ ହୋଇଛି। ଦୁଇମାସ ମଧ୍ୟରେ ମିଳିବାକୁଥିବା ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ବର୍ଷ ବର୍ଷ ଧରି ମିଳିପାରୁନାହିଁ। ସେହିପରି ଝିଅ ବିଭାଘର ଓ ମାତୃତ୍ୱ ସହାୟତା ମିଳିବାରେ ମଧ୍ୟ ଅହେତୁକ ବିଳମ୍ବ ଘଟୁଛି। ଶ୍ରମିମାନଙ୍କୁ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଛନ୍ତି। କାର୍ଯ୍ୟାଳୟରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ମିଳୁନଥିବା କହି ଅଯଥା ସମୟ ଗଡ଼ାଉଛନ୍ତି। ବହୁବାର ଡିଏଲ୍‌ସିଙ୍କ ସହିତ ଆଲୋଚନା କରି ମଧ୍ୟ କୌଣସି ଫଳ ମିଳୁନାହିଁ। କାର୍ଯ୍ୟାଳୟର ନୋଟିସ୍ ବୋର୍ଡ଼ ଅକାମୀହୋଇ ପଡ଼ିଛି । ଏସବୁର ପ୍ରତିକାର ପାଇଁ ୨୯ ତାରିଖ ମଙ୍ଗଳବାର ପୁଣି ଥରେ ଡିଏଲ୍‌ସିଙ୍କ ସହିତ ଆଲୋଚନା ହେବ ବୋଲି ସ୍ଥିର କରାଯାଇଛି। ଯଦି ଏଥିରେ କୌଣସି ସୁଫଳ ନମିଳେ ତାହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନେ ଧାରଣା ଦେବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ । ଏହାକୁ ସମର୍ଥନ କରି ମହେଶ୍ୱର ନାୟକ, ପ୍ରଦୀପ୍ତ ସାମଲ, ମନୋଜ ପରିଡ଼ା, ଖଗେଶ୍ୱର ପ୍ରଧାନ, ଜଗଦୀଶ କଟାଳ, ବିଶ୍ୱମ୍ବର ଗିରି, କାର୍ତ୍ତିକ ବେହେରା, ଅଧିର ସ୍ୱାଇଁ, ସୁରେଶ ନାୟକ ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ । ଶେଷରେ ବଟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।



### ଲକ୍ଷ୍ମୀଧର ସାର୍‌ଙ୍କ ପରଲୋକ

## ରାଜନଗର ରାଜନୀତିର ଥିଲେ ପିତାମହ ଭୀଷ୍ମ

**ରାଜନଗର, ୨୮।୧(ସମିସ):** ରାଜନଗର ମାଟିର ସୁଯୋଗ୍ୟ ସନ୍ତାନ, ଛାତ୍ର ବତ୍ସଳ ଶିକ୍ଷକ, ସୁ ବକ୍ତା, ରାଜନଗର ରାଜନୀତିର ପିତାମହ ଭୀଷ୍ମ ଲକ୍ଷ୍ମୀଧର ଲେଙ୍କା ଆଉ ଆମ ଗହଣରେ ନାହାନ୍ତି। ଅଜି ସକାଳେ ତାଙ୍କ ପରଲୋକ ଘଟିଛି। ଶିକ୍ଷକତା ଚାକିରି ଛାଡି ମୂଲ୍ୟବୋଧ ଭିତ୍ତିକ ରାଜନୀତି ଆରମ୍ଭ କରିଥିବାରୁ ସମଗ୍ର ରାଜନଗରେ ଲକ୍ଷ୍ମୀଧର ସାରଙ୍କ ନାମରେ ପରିଚିତ ଥିଲେ। ତାଙ୍କର ବିୟୋଗ ସମଗ୍ର ରାଜନଗରରେ ଶୋକର ଛାୟା ଖେଳାଇଦେଇଛି। ତାଙ୍କର ଶେଷ ଦର୍ଶନ କରିବାକୁ ହଜାର ହଜାର ଲୋକ ଭିଡ଼ ଜମାଇଥିଲେ।



ରାଜନଗର ବ୍ଲକ ଈଶ୍ୱରପୁର ଗାଁରେ ଜନ୍ମ ଗ୍ରହଣ କରିଥିବା କରିଥିବା ଲକ୍ଷ୍ମୀଧର ସାର ରାଜନଗର ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ। ୧୯୭୭ରେ ଶିକ୍ଷକ ଚାକିରି ଛାଡି ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ତାଙ୍କୁ ମୃତ୍ୟୁ ବେଳକୁ ୮୩ ବର୍ଷ ହୋଇଥିଲା। ସେ ଦୁଇ ଥର ରାଜନଗର ନିର୍ବାଚନମଣ୍ଡଳୀରୁ ଜାତୀୟ କଂଗ୍ରେସର ବିଧାୟକ ପାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ରାଜନଗରରେ ପରିବେଶ ବଞ୍ଚିବ ଓ ଲୋକଙ୍କ ଜୀବନ ଜୀବିକା ସୁରକ୍ଷିତ ରହିବ ସେ ନେଇ ରାଜନଗରରୁ ଦିଲ୍ଲୀ ଯାଏଁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେ କଂଗ୍ରେସରୁ ଇସ୍ତଫା ଦେଇ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ଆଜି ତାଙ୍କ ଅନ୍ତିମ ଯାତ୍ରାରେ ରାଜନଗର ବିଧାୟକ ଧ୍ରୁବ ସାହୁ ସାମିଲ ହୋଇ କାନ୍ଧ ଦେଇଥିଲେ। ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବରିଷ୍ଠ ବିଜେଡି ନେତା ବିଜୟ ନାୟକ, ଆମ୍ବାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଜୟରାମ ସେଠି, ସୁଦର୍ଶନ ଦାସ, ସରପଞ୍ଚ ଶୈଳେନ୍ଦ୍ର କୁମାର ମିଶ୍ର, ପଞ୍ଚାୟତ ବିଜେଡି ସଭାପତି ଶୁଭକାନ୍ତ ଭ୍ରମରରାୟ, ନୀଳମଣି ପ୍ରଧାନ, ରାକେଶ କୁମାର ନାୟକ, ଛାତ୍ର ନେତା ବୈବର୍ତ୍ତ ବିଶ୍ୱାଳ, ରଘୁନାଥ ପ୍ରଧାନ, ବୈକୁଣ୍ଠ ବିହାରୀ ବିଶ୍ୱାଳ, ବସନ୍ତ କୁମାର ବେହେରା, ରବୀନ୍ଦ୍ର କୁମାର ସେଠି, ବିଜୟ କୁମାର ଦାସ, ରବି ନାରାୟଣ ଲେଙ୍କା, ନୀଳମାଧବ ଜେନା, ଆର୍ତ୍ତ ବନ୍ଧୁ ମହାନ୍ତି, ସରୋଜ କୁମାର ରାଉତ, ବିଜେପି ଯୁବ ନେତା ଲଳିତ କୁମାର ବେହେରା, ଅଜୟ କୁମାର ବେହେରା, କୈଳାସ ପରିଡ଼ା, ଦିଲ୍ଲୀପ ପାତ୍ର, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି, ହୃଷିକେଶ ପ୍ରଧାନ, ଅଲେଖ ବେହେରା ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ।

### ପଟ୍ଟାମୁଣ୍ଡାଇ ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ

## ଶିକ୍ଷାନୁଷ୍ଠାନ ହେଉଛି ମଣିଷ ତିଆରି କାରଖାନା

**ପଟ୍ଟାମୁଣ୍ଡାଇ, ୨୮।୧(ସମିସ)**




ଶିକ୍ଷାନୁଷ୍ଠାନ ହେଉଛି ବାସ୍ତବରେ ମଣିଷ ତିଆରି କାରଖାନା । ଶିକ୍ଷାନୁଷ୍ଠାନର ଶୈକ୍ଷିକ ପରିବେଶ, ଗୁରୁମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ, ନିଷ୍ଠା ଓ ଅଧ୍ୟବସାୟ ଜାରି ରଖିଲେ ବିଦ୍ୟାର୍ଥୀମାନେ ଦୁନିଆର ସବୁ ଆହ୍ୱାନକୁ ସମ୍ମୁଖୀନ ହୋଇ ଜୀବନରେ ସଫଳ ହୋଇପାରିବେ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଚନ୍ଦନନଗର ପଞ୍ଚାୟତସ୍ଥ ବନ୍ତୋ ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି । ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନିଷ୍ଠା, ଅଧ୍ୟବସାୟ ଓ ଶୃଙ୍ଖଳାର ସହ ଉତ୍ତମ ଶିକ୍ଷା ଗ୍ରହଣ କାଳେ ବିଦ୍ୟାର୍ଥୀମାନେ ନିଜକୁ ଭଲ ମଣିଷ ଭାବେ ତିଆରି କରିପାରିବେ ବୋଲି ପ୍ରକାଶ କରିଥିଲେ। ଏହି ଉତ୍ସବରେ ଜିଲ୍ଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ପ୍ରାକ୍ତନ ନୋଡାଲ ପ୍ରଧାନଶିକ୍ଷକ କବି ସଚିତ୍ର ବେହୁରା, ଶିକ୍ଷାବିତ ସୁରେଶ ଜେନା, ସିଆରସିସି ରାଞ୍ଜନ ସାହୁ ଓ କବି ଅନ୍ତର୍ଯ୍ୟାମି ବେଜ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଅନିଲ ଦାସ ସ୍ୱାଗତଭାଷଣ ଓ ଶିକ୍ଷୟିତ୍ରୀ ଦିପ୍ତିପ୍ରଭା ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସ୍ମୃତିରାଞ୍ଜନ ଜେନା ଧନ୍ୟବାଦଦେଇଥିଲେ । ଏଇଅବସରରେ ଅତିଥିମାନେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

### ପଲ୍ଲୀ ପ୍ରିମିୟର ଲିଗ୍ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ରାମଚଣ୍ଡୀ କ୍ରିକେଟ୍ କ୍ଲବ୍ ଚାମ୍ପିଅନ୍

**ଡେରାବିଶ, ୨୮।୧(ସମିସ)**



ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ପଲ୍ଲିରଘୁନାଥପୁରଠାରେ ପଲ୍ଲୀ ପ୍ରିମିୟର ଲିଗ୍ ଦୁଇଦିନିଆ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ନରସିଂହପୁର କ୍ରିକେଟ୍ କ୍ଲବ ଓ ଛୋଟି ରାମଚଣ୍ଡୀ କ୍ରିକେଟ୍ କ୍ଲବ ପରସ୍ପରକୁ ଭେଟିଥିଲେ। ଏଥିରେ ରାମଚଣ୍ଡି କ୍ରିକେଟ କ୍ଲବ ଚାମ୍ପିଅନ୍ ହୋଇଛି। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ମନିଷା ପଣ୍ଡା, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତି ମଲିକ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ନହଙ୍ଗ ସରପଞ୍ଚ ବିଳାସିନୀ ସେଠୀ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଟ୍ରଫି ଓ ରନର୍ସଅପ୍ ଦଳକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପଲ୍ଲୀ ପ୍ରିମିୟର ଲିଗ୍‌ର କର୍ମକର୍ତ୍ତା ଓ ପୂର୍ବତନ ସମିତିସଭ୍ୟ ନଳିନୀକାନ୍ତ ସ୍ୱାଇଁ ଓ ବିଜୟ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

**ଆବାସ ସାତସପନ**

# ପଲିଥିନ୍ ତଳେ ବିତୁଛି କ୍ଷୀରୋଦଙ୍କ ଜୀବନ

ଓଲାଭର,୨୮ ।୧(ସମିସ)

ଦେଉଳତରା ପଞ୍ଚାୟତ ଦେଉଳତରା (ହେତବିନ୍ଧା) ହରିଜନ ସାହିର କ୍ଷୀରୋଦ ମଳିକ(୪୩) । ମୂଲ ଲାଗିରେ ଘରେ ଚୁଲି ଜଳେ । ପରିବାର କହିଲେ ତାଙ୍କ ପତ୍ନୀ ସାରଥି ମଳିକ ଓ ଝିଅ କଲ୍ୟାଣୀ, ପୁଅ ବାଦଲ । ଝିଅ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ପୁଅ ପଢୁଛି ଚତୁର୍ଥରେ । ଅଭାବ ଅନଟନ ଭିତରେ ମଜୁରୀ ଟଙ୍କା ଏକମାତ୍ର ଭରସା । ତାହା ବି ଆବଶ୍ୟକତା ପୂରଣ କରିପାରେନା । ରାସନ୍ ଚାଉଳ ୨୦ କେଜି ମାସରେ ମିଳୁଥିଲେ ବି ପିଲାଙ୍କ ପାଠପଢା ଅନ୍ୟାନ୍ୟ ଖର୍ଚ୍ଚ ତାଙ୍କର ମେରୁଦଣ୍ଡକୁ ଭାଙ୍ଗି ଦେଉଛି ।

କ୍ଷୀରୋଦ ଏବେ ପରିବାର ସହିତ ଭଙ୍ଗା ଚାଳଘରେ ପଲିଥିନ ପକାଇ ରହୁଛନ୍ତି । ଚାଳଘର ଖଣ୍ଡେ ବି ଠିକ୍ ଭାବେ ନ ଥିବାରୁ ବର୍ଷା,ଖରା,ଶୀତ କାକରକୁ ସାମ୍ନା କରିବାକୁ ପଡୁଛି । ଏମିତିକି ପଲିଥିନ ଖଣ୍ଡିକ ବି ଚିରି ଯାଇଥିବାରୁ ଅତି ଦୟନୀୟ ଭାବେ ସେ ରହୁଛନ୍ତି । ଏ ସମ୍ପର୍କରେ ବହୁବାର ପଞ୍ଚାୟତର ସରପଞ୍ଚଙ୍କ ପାଖେ ଗୁହାରି କରିଥିଲେ ମଧ୍ୟ ସରପଞ୍ଚଙ୍କ ପରେ ସରପଞ୍ଚ ବଦଳୁଥିଲେ ମଧ୍ୟ ତାଙ୍କ ଭାଗ୍ୟ କିନ୍ତୁ ବଦଳୁନାହିଁ । ତାଙ୍କ ଭାଗ୍ୟରେ ସରକାରୀ ଘର ଖଣ୍ଡେ ମିଳିବା ସାତ ସପନ ହୋଇ ଯାଇଛି । ଏମିତିକି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ମଧ୍ୟ ବାରମ୍ବାର ଅଭିଯୋଗ ଫର୍ଦ୍ଦ ସେ ଦେଉଥିଲେ ବି ତାହା ଫସର ଫାଟି ଯାଉଛି । ଆଖି ଆଗରେ କିନ୍ତୁ ଘରଥିବା ଲୋକକୁ ପୁଣି ଘର ମିଳୁଛି । ଅଥଚ ଅସହାୟ ଏହି ଦିନ ମଜୁରିଆ ପାଇଁ ଘର ଖଣ୍ଡେ ମିଳିବା କାଠିକର ପାଠ ହୋଇଯାଇଛି । ଯଦି ଏଥର ତାଙ୍କୁ ଘର ଖଣ୍ଡେ ନ ମିଳେ ତେବେ ଆଗାମୀ ସାଧାରଣ ନିର୍ବାଚନରେ ସେ କାହାକୁ ଭୋଟ ଦେବେ ନାହିଁ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି । ତେବେ ଏଭଳି ଜଣେ ଦରିଦ୍ର ପରିବାରକୁ ସରକାରୀ ଆବାସ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।



## 'ରବି ସିଂହ ଥିଲେ ଆଦର୍ଶବାଦର ବହ୍ନିଶିଖା'

### କୁଜଙ୍ଗରେ କବି ରବି ସିଂହଙ୍କ ଜୟନ୍ତୀ ଓ କବିତା ପାଠ

**କୁଜଙ୍ଗ,୨୮ ।୧(ସମିସ):** କୁଜଙ୍ଗରେ କବି ରବି ସିଂହଙ୍କ ୯୩ ତମ ଜୟନ୍ତୀ ଓ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଜଙ୍ଗ ଲୋକନାଥ ଭବନରେ ଅବନାଘରର ପ୍ରମୁଖ ଗିରିଧାରୀ ସାହୁଙ୍କ ପୌରହିତ୍ୟରେ ତଥା ସାମ୍ୟବାଦୀ କୃଷକ ନେତା ଶ୍ରୀନିବାସ ଜୁଝାରସିଂହଙ୍କ ଅଧ୍ୟକ୍ଷତାରେ ଏହି କବିତା ପାଠ ଓ ଜନ୍ମଦିନ ସମାବେଶରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଚିତ୍ତ ସ୍ୱାଇଁ ଯୋଗଦେଇ ଏହି ବିପ୍ଳବୀ କବିଙ୍କ ତ୍ୟାଗକୁ ସ୍ମରଣ କରିଥିଲେ । ଅଖିଳ ଭାରତ କୃଷକ ସଭାର ସଭାପତି ଶଶିଭୂଷଣ ସ୍ୱାଇଁ, ପ୍ରଶାନ୍ତ କୁମାର ସେଠୀ, ଓଷ୍ଟାର ବ୍ଲକ ସମ୍ପାଦକ ବିନୋଦ ବିହାରୀ ମୁଦୁଲି, କବି ଗୀତା ଦାସ, ଏଆଟିୟୁସିର ସଭାପତି ସୁବାସ ମହାପାତ୍ର, ବାମପନ୍ଥୀ ନେତା ଦେବେନ୍ଦ୍ର ଆଚାର୍ଯ୍ୟ, କମ୍ରେଡ୍ ରବୀନ୍ଦ୍ର ମହାପାତ୍ର, ସଲୀଳ ସାମନ୍ତରାୟ, ବିଜୟ କୁମାର ଖଟାଇ, ଶରତ ବଳିୟାରସିଂହ, ବାସୁଦେବ ନାୟକ, ଅଧ୍ୟାପକ ବାପୁଜୀ ବେହେରା ପ୍ରମୁଖ ରବି ସିଂହଙ୍କ ଚିନ୍ତା, ଚେତନା ଓ ରଚନା ଉପରେ ଆଲୋଚନା କରିଥିଲେ । ନିମାଇଁ ମହାପାତ୍ର କବିତା ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୁଜଙ୍ଗର ବହୁ ଲେଖକ, କବି, ବୁଦ୍ଧିଜୀବୀ ମାନେ କବିତା ପାଠ କରିଥିଲେ ।

## ଅଦିନିଆ ବର୍ଷା; ଧାନ ଓ ବିରି ଫସଲ ନଷ୍ଟ

**ଗରଦପୁର,୨୮ ।୧(ସମିସ):** ଅଦିନିଆ ବର୍ଷା ପାଇଁ ଏବେ ଚିନ୍ତାରେ ଗରଦପୁର ଅଞ୍ଚଳର ଚାଷୀ । ଫସଲ ଅମଳ ହେବା ସମୟରେ ବର୍ଷା ହେବାରୁ ଅଧିକାଂଶ ଚାଷୀ ସମସ୍ୟାରେ ପଡ଼ିଛନ୍ତି । ବର୍ତ୍ତମାନ ଧାନ ଓ ବିରି ଅମଳ ସମୟ । ଗରଦପୁର ଅଞ୍ଚଳରେ ହେକ୍ଟର ହେକ୍ଟର ଜମିରେ ବିରି ଚାଷ କରାଯାଇଛି । କେଉଁଠି ବିରି ଉପଡ଼ା ସରି ଚାଷ ଜମିରେ ପଡିଛି ତ ଆଉ କେଉଁଠି ଚାଷୀ ଖଳାରେ ଗଦାକରି ରଖିଛି । ଅଧିକାଂଶ ଜମିରେ ଏପର୍ଯ୍ୟନ୍ତ ବିରି ଉପଡା ସରିନି । ଲଗାଣ ବର୍ଷା ଯୋଗୁ ବିଲରେ ପଡ଼ିଥିବା ବିରି ଗଜା ହେବା ଆଶଙ୍କା ରହିଛି । ଏହା ସହ ଚାଷୀମାନେ କରିଥିବା ପନିପରିବା ଫସଲ ମଧ୍ୟ ବ୍ୟାପକ ନଷ୍ଟ ହୋଇଛି । ଖାଲୁଆ ଜମିରେ ପାଣି ଭର୍ତ୍ତି ହୋଇଥିବାରୁ ପନିପରିବା ଚାଷ ଉପରେ ନିର୍ଭର କରୁଥିବା ଚାଷୀ ଏବେ ଚିନ୍ତାରେ । କେବଳ ଗରଦପୁର ବ୍ଲକ୍ ନୁହେଁ ବରଂ ସମଗ୍ର ଜିଲ୍ଲାରେ ବିରି ଫସଲ ବ୍ୟାପକଭାବେ ନଷ୍ଟ ହେବାକୁ ଯାଉଛି ।

## ବ୍ଲକସ୍ତରୀୟ କଳାକାର ପ୍ରଶିକ୍ଷଣ ଶିବିର

**ଡେରାବିଶ, ୨୮ ।୧ (ସମିସ):** ଡେରାବିଶ ବ୍ଲକ୍ ସମ୍ମିଳନୀ କକ୍ଷରେ ଡେରାବିଶ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଦୁଇଦିନିଆ ବ୍ଲକ ସ୍ତରୀୟ କଳାକାର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନ ଉତ୍ସବରେ ବିଡ଼ିଓ ଦାସରଥି ଜେନା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ଦେବାଶିଷ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥିଭାବରେ ଏବିଡ଼ିଓ ଭଞ୍ଜ କିଶୋର ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଶ୍ମୀ ଦେବୀ ଯୋଗଦେଇଥିଲେ । ଶିବିରରେ ବ୍ଲକ ଅଞ୍ଚଳର ୮୦ ଜଣ କଳକାର ପ୍ରଶିକ୍ଷିତ ହୋଇଥିଲେ । ଏହି କଳାକାର ମାନେ ପାଲା, ଦାସକାଠିଆ, କେନ୍ଦରା, ଘୋଡ଼ାନାଚ, ସଖିକଣ୍ଢେଇ ନାଚ ଓ ସଂକୀର୍ତ୍ତନ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚା ।ଇବେ ବୋଲି ଅତିଥିମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ରିସୋର୍ସ ପର୍ସନ ଭାବେ ବସନ୍ତ କୁମାର ଦାସ ଯୋଗ ଦେଇଥିଲେ । ଏହି କାର୍ଯକ୍ରମକୁ ଡେରାବିଶ ବ୍ଲକ କଳାକାର ସଂଘର ଉପସଭାପତି ନିରାକାର ମହାରଣା ପରିଚାଳନା କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ତିର୍ତ୍ତୋଲ,୨୮ ।୧(ସମିସ):** ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତ ଦଶମାଣକୂଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସାଧାରଣତନ୍ତ୍ର ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟର ପୂର୍ବତନ ସମ୍ପାଦକ ତ୍ରିଲୋଚନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ, କୋଷାଧ୍ୟକ୍ଷ ଆରତୀ ତ୍ରିପାଠୀ, ଉପସଭାପତି ନିରଞ୍ଜନ ଦାସ, ଯୁଗ୍ମ ଜ୍ୟୋତିଶଙ୍କର ମହାପାତ୍ର, ଶିକ୍ଷାବିତ ପ୍ରଦୀପ କୁମାର ମହାନ୍ତି ଓ ଗୁରୁଜୀ ଓ ଗୁରୁମା ମାନେ ଗଣତନ୍ତ୍ର ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିଥି ମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ସରକାରୀ ମେଧା ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବା ୩ୟ ଶ୍ରେଣୀ ଛାତ୍ରୀ ଡି.ପ୍ରତିଶୃତି ଓ ୫ମ ଶ୍ରେଣୀ ଛାତ୍ରୀ ଚେତ୍ନା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ



**ବାଲିକୁଦା,୨୮ ।୧(ସମିସ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକାଶ ଆମ ଅଞ୍ଚଳର ସଂଗଠନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଅବସରରେ ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରମୁଣ୍ଡଲୀ ପଞ୍ଚାୟତର ବାଲିଯୋରି ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ସହିତ ସାଧାରଣତନ୍ତ୍ର ଦିବସ ପାଳନ କରିବା ସହ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା । ସେହିପରି ମରିଚପୁର ପଞ୍ଚାୟତର ବନ୍ଦର ବନବିଭାଗ କାର୍ଯ୍ୟାଳୟରେ ମଧ୍ୟ ବନ ବିଭାଗ ଅଧିକାରୀମାନଙ୍କ ସହ ସାଧାରଣତନ୍ତ୍ର ଦିବସ ପାଳନ କରିବା ସହିତ ବୃକ୍ଷ ରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ ଲକ୍ଷ୍ମଣ ସେଠୀ, ଫିରୋଜ ବେହେରା, ପୃଥ୍ୱୀରାଜ ନାୟକ, ରାହୁଲ ପରିଡ଼ା, ସଂଗ୍ରାମ ସ୍ୱାଇଁ, ରାଜେଶ ପରିଡ଼ା, ବାବୁ ଦାସ, ରୁଦ୍ରପ୍ରତାପ ବିଶ୍ୱାଳ, ସୌମ୍ୟରଞ୍ଜନ ନାୟକ,ଆପୁଲ ପରିଡ଼ା ପ୍ରମୁଖ ଉପସ୍ଥିତି ଥିଲେ ।

## ଦିବ୍ୟାଙ୍ଗ ଆର୍ତ୍ତଙ୍କୁ ଟ୍ରାଇସାଇକଲ ପ୍ରଦାନ



**ଏରସମା,୨୮ ।୧(ସମିସ):** ଏରସମା ବ୍ଲକ ସୋମପୁର ପଞ୍ଚାୟତ ଅନ୍ତର୍ଗତ ପୋଦନା ଗ୍ରାମର ଦେବେନ୍ଦ୍ର ସେଠିଙ୍କ ପୁଅ ଆର୍ତ୍ତ ସେଠି ପିଲାଟି ଦିନରୁ ଦିବ୍ୟାଙ୍ଗ । ପରିବାର କହିଲେ ସ୍ତ୍ରୀ ଓ ୫ ବର୍ଷର ଝିଅ । ଆର୍ତ୍ତ ଦିବ୍ୟାଙ୍ଗ ହୋଇଥିବାରୁ ରାସନ କାର୍ଡ, ଘର, ଏବଂ ଟ୍ରାଇସାଇକଲ ପାଇଁ ବ୍ଲକ ପ୍ରଶାସନ ପାଖକୁ ଯାଇ ନିରାଶ ହୋଇଥିଲେ । ସ୍ତ୍ରୀ ଦିନ ମଜୁରୀ ଲାଗି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ । ଯେଉଁଦିନ କାମ ମିଳେନାହିଁ ସେଦିନ ଚୁଲି ଜଳେନାହିଁ । ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ସୋମପୁରର ଚାଳିଶ ଜଣ ସଦସ୍ୟକୁ ନେଇ ଗଢି ଉଠିଥିବା ଟୁଡେ ଟ୍ରଷ୍ଟ ତରଫରୁ ଆଜି ଆର୍ତ୍ତଙ୍କୁ ଏକ ମାସର ରାସନ ସାମଗ୍ରୀ ସହିତ ଏକ ଟ୍ରାଇ ସାଇକଲ ପ୍ରଦାନ କରାଯାଇଛି ।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚିତ

**କେନ୍ଦ୍ରାପଡା,୨୮ ।୧(ସମିସ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣତିଆ ପଞ୍ଚାୟତର ବଜ୍ରମହାକାଳୀ ସାନମାଣିଆ ପଞ୍ଚାୟତ ହାଇସ୍କୁଲ(ଜରିଆବାଡ) ପରିସରରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଆବକ୍ଷ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ୧୯୯୮ ବ୍ୟାଚର ଛାତ୍ରଛାତ୍ରୀମାନଙ୍କ ସୌଜନ୍ୟତାରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ କବି ଡକ୍ଟର ପ୍ରସନ୍ନ ପାଟଶାଣୀ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସ ଓଡିଆ ଜାତିର ଆଦର୍ଶର ପ୍ରତୀକ, ନବଉତ୍କଳର ବିଚିତ୍ର ବିଦ୍ଧାଣୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସଂପାଦକ ତଥା ସମାଜ ରିଲିଫ କମିଟିର ଅଧ୍ୟକ୍ଷ ଡକ୍ଟର ପ୍ରଭାସ ଆଚାର୍ଯ୍ୟ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାନସଭୂଷଣ ପଣ୍ଡିତ ହୃଷିକେଶ ରଥ, କବିୟତ୍ରୀ ରୋଜାଲିନ୍ ସେନାପତି, ପ୍ରାକ୍ତନ ପ୍ରାଧାନଶିକ୍ଷକ କେଶବ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ ।

## ଜାତୀୟ ମତଦାତା ଦିବସ ପାଳିତ



**ଜଗତସିଂହପୁର, ୨୮ ।୧(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ପାରୁଲ ପଟାୱରିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଚତୁର୍ଦ୍ଦଶ ଜାତୀୟ ମତଦାତା ଦିବସ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ,କର୍ମଚାରୀ, ଛାତ୍ରଛାତ୍ରୀ ତଥା ନୂତନ ଭୋଟରଙ୍କୁ ଆଜି ଦିବସ ପାଇଁ ମତଦାତା ସଂକଳ୍ପ ପାଠ କରାଇଥିଲେ । ଏହି ଅବସରରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କ ବାର୍ତ୍ତା ଭିଡ଼ିଓ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା । ଜିଲ୍ଲାପାଳ ଶ୍ରୀମତୀ ପଟାୱରି ଭାରତ ବର୍ଷକୁ ବିଶ୍ୱର ସର୍ବ ବୃହତ ଲୋକତାନ୍ତ୍ରିକ ରାଷ୍ଟ୍ର ଭାବେ ଅଭିହିତ କରି ୨୦୨୪ ବର୍ଷ ଟି ଭାରତୀୟ ଗଣତନ୍ତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡ଼ିବାକୁ ଯାଉଛି ବୋଲି କହିଥିଲେ । ୨୦୨୪ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ପାଇଁ ୨୦୨୩ ଅକ୍ଟୋବର ମାସ ଠାରୁ ନିର୍ବାଚନର ପ୍ରଥମ ସୋପାନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇ ଜାନୁଆରୀ ୫ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶିତ ହୋଇଛି ।ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ କହିଥିଲେ ଯେ, ନିର୍ବାଚନ ମହାପର୍ବର ବିଗୁଲ ବାଜି ସାରିଛି, ତେଣୁ ପ୍ରତ୍ୟେକ ସଚେତନ ନାଗରିକ ଏହି ପର୍ବରେ ସାମିଲ ହୋଇ ଏକ ସୁଦୃଢ଼ ଗଣତନ୍ତ୍ର ସୃଷ୍ଟି ଦିଗରେ ପ୍ରୟାସ କରିବା ଉଚିତ୍ । ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ କୌଣସି ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ବିବେକ ବୁଦ୍ଧି ସହ ସମୃଦ୍ଧ ଗଣତନ୍ତ୍ର ଗଠନ ନିମନ୍ତେ ମତଦାନ କରିବା ପାଇଁ ପରାମର୍ଶ ଦେଇଥିଲେ । ଆୟୋଜିତ ଏହି ସଭାରେ ନୂତନ ଭାବେ ପଞ୍ଜୀକୃତ ହୋଇଥିବା ଭୋଟର ମାନଙ୍କୁ ତାଙ୍କର ଏପିକ କାର୍ଡ ପ୍ରଦାନ କରିଥିଲେ ଜିଲ୍ଲାପାଳ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ହୋଇଥିବା ଓଡ଼ିଆ ଓ ଇଂରାଜୀ ବକ୍ତୃତା,ରଙ୍ଗୋଲି ଏବଂ କୁଇଜ୍ ପ୍ରତିଯୋଗିତା ର କୃତୀ ପ୍ରତିଯୋଗୀମାନଙ୍କୁ,ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବି ଏଲ୍ଓ, ବି ଏଲ୍ଓ ସୁପରଭାଇଜର ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଏମ୍ଏନ୍ ହାଇସ୍କୁଲର ବନ୍ଧୁମିଳନ ଉତ୍ସବ

**ପଟ୍ଟାମୁଣ୍ଡାଇ,୨୮ ।୧(ସମିସ):** ପଟ୍ଟାମୁଣ୍ଡାଇ ଏମ୍ଏନ ହାଇସ୍କୁଲର ୧୯୮୫ ମସିହା ମାଟ୍ରିକ ବ୍ୟାଚ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଓକିଲ ସଂଘ ସଭାପତି ତପନ କୁମାର ମିଶ୍ର, ବଣିକ ସଂଘ ଉପସଭାପତି ମୋହନ ଦାସ, ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ବସନ୍ତ କୁମାର ମଳିକ, ପ୍ରମୋଦ ଦାଶ, ସଞ୍ଜୟ ବର୍ମା, ମନୋଜ ସାହୁ, ପ୍ରତାପ ସାହୁ, ସୁରେନ୍ଦ୍ର ଦାସ, ଅଜୟ ପାଢ଼ୀ, ପିତାମ୍ବର କର, ଗଣେଶ ସାହୁ, ଶୁଭ୍ରାଂଶୁ ପଣ୍ଡା, ଲଳିତ ନାରାୟଣ ଦାସ ମହାପାତ୍ର, ରାଜୀବ ଖଣ୍ଡାୟୀ, ମାନସ ବେହେରା, ଅନିରୁଦ୍ଧ ବେହେରା, ଅଶୋକ ବେହେରା, ଶ୍ରୀକାନ୍ତ ତ୍ରିପାଠୀ, ଅକ୍ଷୟ ନାୟକ, ସନ୍ନ୍ୟାସୀ ରାଉତ, ଇମଦାଦ ଅଲ୍ଲୀ ପ୍ରମୁଖ ଯୋଗଦେଇ ହାଇସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହିତ ସ୍କୁଲ ଜୀବନର ସ୍ମୃତିଚାରଣ କରିଥିଲେ ।

## ଏସ୍‌ୟୁଜେ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ମନୋନୀତ



**ପାରାଦୀପ,୨୮ ।୧(ସମିସ):** ରାଜ୍ୟ ସାମ୍ବାଦିକ ସଂଘ (ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ) ଜଗତସିଂହପୁର ଜିଲ୍ଲା ଶାଖାର ସାଧାରଣ ପାରିଷଦ ବୈଠକ ପୋର୍ଟ ୱାର୍କରସ ୟୁନିୟନ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସାମ୍ବାଦିକ ସଂଘର ସଭାପତି କୈଳାସ ଚନ୍ଦ୍ର ନାୟକ ଏବଂ ସମ୍ମାନିତ ଅତିଥି ଭାବରେ ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସମ୍ପାଦକ ଶୁଭାଶିଷ ମହାନ୍ତି, କେନ୍ଦ୍ର କାର୍ଯ୍ୟକାରିଣୀ ସଭ୍ୟ ଚିନ୍ତାମଣି ପାଢ଼ୀ ଓ କଲ୍ୟାଣ ପାଣ୍ଡି ଅଧ୍ୟକ୍ଷ ଗଗନ ବିହାରୀ ସାହୁ ଯୋଗ ଦେଇଥିଲେ । ପ୍ରଶାନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ସଭାପତି ଶ୍ରୀ ନାୟକ ଏସୟୁଜେର ସାଙ୍ଗଠନିକ ନୀତି ନିୟମ ଏବଂ ସାମ୍ବାଦିକ ମାନଙ୍କ ବୃତ୍ତିଗତ ଦକ୍ଷତା ଓ ସ୍ୱାର୍ଥ ସମ୍ବଳିତ ଆଲୋଚନା କରିଥିଲେ । ଏହି ଅବସରରେ ପର୍ଯ୍ୟବେକ୍ଷକ ଶିବାଶିଷ ମହାନ୍ତି ନୂତନ କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରି ଜିଲ୍ଲା ସଙ୍ଗଠନର ଦାୟିତ୍ୱ ଅର୍ପଣ କରିଥିଲେ । ନୂତନ କର୍ମକର୍ତ୍ତା ଭାବେ ଗଗନ ବିହାରୀ ସାହୁ ଓ ରାମଚନ୍ଦ୍ର ସ୍ୱାଇଁ ଉପଦେଷ୍ଟା, ପ୍ରଶାନ୍ତ କୁମାର ରାଉତ ସଭାପତି , ହରିଶ୍ଚନ୍ଦ୍ର ଲେଙ୍କା ଉପ ସଭାପତି, ସଞ୍ଜୟ କୁମାର ମିଶ୍ର ସାଧାରଣ ସମ୍ପାଦକ, ପ୍ରଭାତ କୁମାର ମହାପାତ୍ର ସହ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ଜଗନ୍ନାଥ ଶତପଥୀ ଦାୟିତ୍ୱ ନେଇଛନ୍ତି ।

## ପଞ୍ଚାୟତ ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ରାଜନଗର,୨୮ ।୧(ସମିସ):** ରାଜନଗର ବ୍ଲକ ବ୍ରାହ୍ମଣସାହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଂଚାୟତ ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ବିଭିର୍ନ ବିଭାଗରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ । ବ୍ରାହ୍ମଣସାହି ସରପଞ୍ଚ ବୀଣାପାଣି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଂଚାୟତ ସମିତି ଅଧ୍ୟକ୍ଷ୍ୟା ପ୍ରତିଭା ପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀ ନିଜ ନିଜ ର ପ୍ରତିଭା ବଳରେ ସମାଜରେ ଆଗକୁ ବଢିବା ପାଇଁ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବରେ ବ୍ଲକ ଶିକ୍ଷ୍ୟାଅଧିକାରୀ ମନୋରଞ୍ଜନ ସେଠୀ, ସମ୍ମାନୀୟ ଅତିଥି ଭାବେ ପ୍ରାକ୍ତନ ସମିତି ସଭ୍ୟ ପୂର୍ଣଚନ୍ଦ୍ର ପଢିହାରୀ. ସି ଆ ସି ସି ଚନ୍ଦ୍ରକାନ୍ତ ରାଉତ, ମଧୁସୂଦନ ସାହୁ, ବ୍ରହ୍ମାନନ୍ଦ ପରିଡା, ଦାମୋଦର ରାଉତ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ମାନେ ନିଜର ଲୁକ୍କାୟିତ ପ୍ରତିଭା ଜାଗ୍ରତ କରି ଦେଶରେ ଜଣେ ପ୍ରତିଭାବାନ ବ୍ୟକ୍ତି ହୋଇପାରିବେ ବୋଲି କହିଥିଲେ ।

## ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କେନ୍ଦ୍ରାପଡା,୨୮ ।୧(ସମିସ):** ଆଶଙ୍କା ସହ ଆସିଥିଲି କିନ୍ତୁ ଯାଉଛି ଆଶୀର୍ବାଦ ନେଇ । ଜିଲ୍ଲାପାଳଭାବେ ଆସିଥିଲି କିନ୍ତୁ ଯାଉଛି କବିଟିଏର ପରିଚୟ ନେଇ । କେନ୍ଦ୍ରାପଡାର ସ୍ୱର୍ଣ୍ଣିମ ସ୍ମୃତି ମୋ ପ୍ରଫେସନାଲ୍ କ୍ୟାରିୟର୍‌ରେ ଚିରକାଳ ଝଟକୁଥିବ ବୋଲି ବିଦାୟକାଳୀନ ସ୍ମୃତିସଭାରେ ଯୋଗ ଦେଇ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ କହିଛନ୍ତି । ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କଲେକ୍ଟୋରେଟ୍ ଷ୍ଟାଫ୍ କମିଟିର କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କ ସହ କାଟିଥିବା ମଧୁର ସ୍ମୃତିର ଅବତାରଣା କରୁକରୁ ଭାବବିହ୍ୱଳ ହୋଇପଡିଥିଲେ । ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର, ବିଭିନ୍ନ ତହସିଲ୍ ଓ ବ୍ଲକ୍‌ର ତହସିଲଦାର ଓ ବିଡିଓ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତ୍ରୀ, କଲେକ୍ଟୋରେଟ୍ ଷ୍ଟାଫ୍ କମିଟିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।




## ବିଜ୍ଞାନ ଅଲମ୍ପିଆଡ୍‌ରେ ପଙ୍କପାଳ ବିଦ୍ୟାଭାରତୀର ୨୨ ଛାତ୍ରଙ୍କୁ ସ୍ୱର୍ଣ୍ଣ



**କୁଜଙ୍ଗ,୨୮ ।୧(ସମିସ):** ସଫ୍ ପକ୍ଷରୁ ଜାତୀୟ ବିଜ୍ଞାନ ଅଲମ୍ପିଆଡ୍ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ କୁଜଙ୍ଗ ବ୍ଲକର ପଙ୍କପାଳ ସ୍ଥିତ ବିକେସିଏମ୍ ସ୍କୁଲ ବିଦ୍ୟାଭାରତୀକୁ ଗତବର୍ଷଠାରୁ ବହୁତ ଅଧିକ ସଫଳତା ମିଳିଛି । ଚଳିତ ବର୍ଷ ବିଦ୍ୟାଳୟର ୩୪ ଜଣ ଏହି ପ୍ରତିଯୋଗିତାରେ ପଦକ ପାଇବାକୁ ମନୋନୀତ ହୋଇଥିବାବେଳେ ୨୨ ଜଣ ବିଦ୍ୟାର୍ଥୀ ଏହି ପ୍ରତିଯୋଗୀତାରେ ସ୍ୱର୍ଣ୍ଣ ପଦକ ପାଇବାକୁ ଯୋଗ୍ୟ ହୋଇଛନ୍ତି । ସେହିପରି ୧୦ ଜଣ ଛାତ୍ର ରୌପ୍ୟ ଓ ୨ ଜଣ ଛାତ୍ର ବ୍ରୋଞ୍ଜ ପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ।

## ବିଶ୍ୱାଳୀରୁ ଆରମ୍ଭ ହେଲା ସଡ଼କ ସୁରକ୍ଷା ସଚେତନତା ସଭା

**କୁଜଙ୍ଗ,୨୮ ।୧(ସମିସ):** ପ୍ରତିଦିନ କଟକ-ପାରାଦ୍ୱୀପ ରାସ୍ତାରେ ଦୁର୍ଘଟଣା ଘଟୁଛି । ଗତ ୨୧ ତାରିଖ ବିଳମ୍ବିତ ରାତିରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ତେରାମାଣପୁର ନିକଟରେ ପାରାଦ୍ୱୀପ ଲକ୍ ଥାନା ଅଧିନ ବିଶ୍ୱାଳୀ ଗ୍ରାମର ଦୁଇ ଜଣ ଯୁବକଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ଗ୍ରାମବାସୀଙ୍କୁ ସ୍ତବ୍ଧ କରିଛି । କେବଳ ଏହି ଦୁର୍ଘଟଣା ନୁହେଁ ରାସ୍ତାର ତେରମାଣପୁରରୁ ବାଲିଆପଡା, ପଥୁରିଆରୁ ତାଳଦଣ୍ଡା, ଷଣ୍ଢପୁର ନିକଟବର୍ତ୍ତୀ ଅଞ୍ଚଳ ସହ ପନ୍ଦର ନମ୍ବର ଓ ଆଖ ପାଖ ଅଞ୍ଚଳରେ ଏବେ ପ୍ରତ୍ୟହ ଛୋଟ ବଡ ଦୁର୍ଘଣଟା ଘଟୁଛି । ଦୁର୍ଘଟଣାକୁ କିପରି କମାଯାଇ ପାରିବ ସେନେଇ ଦେବଦୂତ ସଡକ ସୁରକ୍ଷା ବାହିନୀ ପକ୍ଷରୁ ସଭାପତି ପଙ୍କଜ କୁମାର ତରାଇଙ୍କ ନେତୃତ୍ୱରେ ବିଶ୍ୱାଳିରୁ ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏଥିରେ ମହାବୀର ଯୁବକ ସଂଘର ପୂର୍ବତନ ସଭାପତି ଅନିଲ କୁମାର ତରାଇ, ବର୍ତ୍ତମାନର ସଭାପତି ବିଶ୍ୱଜିତ୍ ତରାଇ, ନିବାସ ସାମଲ, ରାକେଶ ମାଝୀ ପ୍ରମୁଖ ଯୋଗଦେଇ ସଡକ ସୁରକ୍ଷା ନେଇ ଶପଥ ପାଠ କରାଇଥିଲେ ।

# ଅସହାୟ ମହିଳାଙ୍କୁ ସହାୟତା ପ୍ରତିଶ୍ରୁତି

**କୁଜଙ୍ଗ,୨୮ ।୧(ସମିସ):**



କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତ ପାଟପୁର ଅଞ୍ଚଳର ଚାଷୀ ଅଦୈତ ସାହୁ ନିଜର ପତ୍ନୀର ଉପଯୁକ୍ତ ଚିକିତ୍ସା କରାଇନପାରି ଦୀର୍ଘ ପାଞ୍ଚ ବର୍ଷ ହେଲା ଭଗବାନଙ୍କ ଭରଷାରେ ସମୟ କାଟୁଥିଲେ । ଏହି ବିଷୟରେ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ଓ କର୍ମକର୍ତ୍ତା ଜାଣିବା ପରେ ପୀଡିତ ପରିବାର ନିକଟରେ ପହଁଚିବା ସହ ଚିକିତ୍ସା ପାଇଁ ପ୍ରଶାସନ ଓ ଅନ୍ୟ ବଦାନ୍ୟ ସଂଗଠନର ଦୃଷ୍ଟି ଆକର୍ଷଣ କରିଥିଲେ । ଫଳରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଏହି ରୋଗଗ୍ରସ୍ତ ମହିଳାଙ୍କୁ ଦେଖିବା ସହ ତଥ୍ୟ ସଂଗ୍ରହ କରି ଚିକିତ୍ସାର କିଛି ବନ୍ଦୋବସ୍ତ କରିଥିଲେ । ଅଦୈତଙ୍କ ଗୋଟିଏ ପଟେ ଅର୍ଥାଭାବରୁ ରୋଗୀଣା ପତ୍ନୀଙ୍କ ଚିକିତ୍ସା ହୋଇପାରୁନଥିବା ବେଳେ ବିଧବା ମା' ଓ ପିଲାଙ୍କ ଚିନ୍ତାରେ ଅସହାୟ ହୋଇପଡିଛନ୍ତି । ସୁଲୋଚନାଙ୍କର ଦୁଇଟି ଗୋଡ ଚଳୁ ନଥିବା ଓ ସେଥିରେ ଘା' ହୋଇଥିବା ଜଣାପଡିଛି । ଏହି ଅଭାବୀ ପରିବାର ଦୁର୍ବିସହ ଘଟଣା ବିଷୟରେ ଜାଣିବା ପରେ ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟ ଅବଗତ ହେବା ପରେ ଏହି ଅଭାବୀ ମହିଳାଙ୍କ ଔଷଧ ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ବିଧାୟକଙ୍କ ପରାମର୍ଶ କ୍ରମରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଏହି ପିଡୀତ ପରିବାକୁ ଭେଟିବା ସହ ତାଙ୍କୁ ତୁରନ୍ତ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪୦ ହଜାର ଟଙ୍କାର ସହାୟତ ପ୍ରଦାନ କରାଯିବ ବୋଲି କହିଛନ୍ତି । ଏହି ଅବସରରେ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ବ୍ୟାସ ପ୍ରତିଷ୍ଠାନର ଉପସଭାପତି ରଶ୍ମିତା ନାୟକଙ୍କ ସହ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

ସକାଳ THE SAKALA



www.sakalaepaper.com

**ମାତିଲେ ସାଇବର୍ ଲୁଟେରା**

# ବ୍ୟାଙ୍କ ମ୍ୟାନେଜର କହି ପୂର୍ବତନ ସରପଞ୍ଚଙ୍କୁ ଲୁଟିଲେ

- କୋଲକାତାରୁ ଜଣଙ୍କୁ ଗିରଫ କଲା ପୁଲିସ
- ଜେରା ପରେ କୋର୍ଟ ଚାଲାଣ



**ବାଲିକୁଦା, ୨୮।୧(ସମିସ):**

ବାଲିକୁଦା ଥାନା ଅନ୍ତର୍ଗତ କୁସୁପୁର ପଞ୍ଚାୟତ ତେନ୍ତୁଲିବେଲାରି ଗ୍ରାମର ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ହାତୀ ସାଇବର ଠକେଇର ଶିକାର ହୋଇଛନ୍ତି। ଏନେଇ ସେ ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ଶ୍ରୀ ହାତୀଙ୍କ ବାଲିକୁଦା ଈଶ୍ୱରପୁର ବଜାରରେ ଥିବା ଆକ୍ସିସ ବ୍ୟାଙ୍କ ଆକାଉଣ୍ଟରେ ପ୍ରାୟ ୫ ଲକ୍ଷ ୪୮ ହଜାର ଟଙ୍କା ସେଭିଙ୍ଗ ଥିଲା। ଗତ ୨୪ ତାରିଖ ଦିନ ତାଙ୍କ ଫୋନକୁ ଏକ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ନିଜକୁ ଆକ୍ସିସ୍ ବ୍ୟାଙ୍କ ମୁଖ୍ୟ ଶାଖାର ମ୍ୟାନେଜର ପରିଚୟ ଦେବା ସହ ଆକାଉଣ୍ଟରେ ପାନ୍ ସଂଯୋଗ ହୋଇ ନଥିବା କହିଥିଲେ। ଏଥିପାଇଁ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଦେବାକୁ କହିଥିଲେ। ହେଲେ ଫ୍ରଡ଼ କହି ପ୍ରଶାନ୍ତ ଫୋନ ରଖିବାକୁ କହିବା ସହ ଆବଶ୍ୟକ ପଡ଼ିଲେ ସେ ବ୍ୟାଙ୍କ ଶାଖାରେ ଦେଖା କରି କାଗଜପତ୍ର ଠିକ୍ କରିନେବେ ବୋଲି କହିଥିଲେ। ହେଲେ ଉକ୍ତ ଠକଜଣକ ତୁମ ଆକାଉଣ୍ଟ କାଟି ଦେବୁ ପରେ ତୁମେ ଖୋଲିବା ପାଇଁ ବହୁ ଅସୁବିଧା ହେବ କହି ଧମକ ଦେଇଥିଲେ। ଫଳରେ ପ୍ରଶାନ୍ତ ସେମାନଙ୍କ କଥାକୁ ବିଶ୍ୱାସ କରିବା ସହ ଭିଡିଓ କଲ୍ ଯୋଗେ ସମସ୍ତ ଡକ୍ୟୁମେଣ୍ଟ ପ୍ରଦାନ କରିଥିଲେ। ଏହାପରେ ଠକ ଜଣଙ୍କ ଫୋନ ପେ'ରେ ଲକ୍ଷ ଟଙ୍କା ପଠାଇବାକୁ କହିଥିଲା ଓ ଯଦି ନପଠାଇବ ତେବେ ଆକାଉଣ୍ଟରେ ଥିବା ସମସ୍ତ ଟଙ୍କା କାଟି ନେବ ବୋଲି ଧମକ ଦେଇଥିଲା। ହେଲେ ତୁମକୁ କଣ ପାଇଁ ଟଙ୍କା ପଠାଇବି କହି ପ୍ରଶାନ୍ତ ଫୋନ କାଟିବାର କିଛି ମିନିଟ ପରେ ଆକାଉଣ୍ଟରେ ଥିବା ୫ ଲକ୍ଷ ୪୭ ହଜାର ୯୭୫ ଟଙ୍କା କଟି ଯାଇଥିବା ମେସେଜ ଆସିଥିଲା। ଯାହାକୁ ନେଇ ପ୍ରଶାନ୍ତ ବ୍ୟତିବ୍ୟସ୍ତ ହେବା ସହ ୨୫ ତାରିଖ ଦିନ ବ୍ୟାଙ୍କ ଶାଖାରେ ଦେଖା କରି ବ୍ୟାଙ୍କ ଡିଟେଲ୍ସ ନେବା ବେଳକୁ ଏହା କଲିକତାର ଏକ ଫ୍ରଡ଼ ସଂସ୍ଥାକୁ ଯାଇଥିବା ଜଣାପଡ଼ିଥିଲା। ଏହାପରେ ଏନେଇ ଏକ ଲିଖିତ ଅଭିଯୋଗ ବାଲିକୁଦା ଥାନାରେ ପ୍ରଶାନ୍ତ କରିବା ସହ ଠକେଇ ହୋଇଥିବା ଅର୍ଥ ରାଶିକୁ ଫେରିପାଇବା ନେଇ ନିବେଦନ କରିଥିଲେ। ଏହାପରେ ବାଲିକୁଦା ପୁଲିସ ପକ୍ଷରୁ ନଂ.୨୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ପରେ ଥାନା ଅଧିକାରୀ ସଲୀଳ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ କଲିକତା ଯାଇ ହୁଗୁଳି ଜିଲ୍ଲା ରିସଗ୍ରା ଥାନା ବାରୁଆପୁଲ ଗ୍ରାମର ୪୦ ବର୍ଷୀୟ ଯୁବକ ଅତନୁ ପାତ୍ରକୁ ଗିରଫ କରି ବାଲିକୁଦା ଥାନାକୁ ଆଣିବା ସହ ତାକୁ ଆଜି କୋର୍ଟ ଚାଲାଣ କରିଥିଲା। ଠକେଇ ହୋଇଥିବା ଅର୍ଥ ଉଦ୍ଧାର ହେଲା କି ନାହିଁ ସେ ସମ୍ପର୍କରେ ପୁଲିସ କୌଣସି ସୂଚନା ଦେଇ ନଥିବା ବେଳେ ଉକ୍ତ ଯୁବକ ଜଣକ ଘଟଣାକୁ ସ୍ୱୀକାର କରୁନଥିବା ବେଳେ ସେ ଫସି ଯାଇଥିବା ବାରମ୍ବାର ପୁଲିସକୁ କହୁଥିବା ବେଳେ ପୁଲିସ ତା ନିକଟରୁ କିଛି ତଥ୍ୟ ହାସଲ ନକରି ତରବରିଆ ଭାବେ କୋର୍ଟ ଚାଲାଣ କରିଥିବା କହିଥିଲା।

## ଆଇଓସିଏଲ୍ ପାଚେରି କଣା କରି ଲୁଟ୍ ଉଦ୍ୟମ; ୪ ଗିରଫ



**ପାରାଦୀପ, ୨୮।୧(ସମିସ):** ଆଇଓସିଏଲ ପାଚେରି କଣା କରି ଲୁଟ ଉଦ୍ୟମ କରୁଥିବା ଏକ ୪ଜଣିଆ ଲୁଟେରା ଗ୍ୟାଙ୍ଗକୁ ଗିରଫ କରିଛି ଅଭୟଚାନ୍ଦପୁର ପୁଲିସ। ଏହି ଗ୍ୟାଙ୍ଗ କୌଶଳ କ୍ରମେ ପାଚେରି କଣାକରି ଦାମୀ ସାମଗ୍ରୀ ଗୁଡିକୁ ବାହାରକୁ ଆଣୁଥିଲେ। ଗତ ଗୁରୁବାର ଦିନ ଇଣ୍ଡିଆନ୍ ଅଏଲ୍ ଆଦାନୀ ଭେଞ୍ଚର ଲିମିଟେଡର ଅପରେସନ ଦାୟିତ୍ୱରେ ଥିବା ମାଧ୍ୟନଥା ଗୁପ୍ତା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରି ଚୋରି ତମ୍ବା କେବୁଲ୍ ପ୍ରାୟ ୯ ମିଟର ଜବତ କରିଛି। ପାଚେରିରେ ଗାତ ଖୋଳିବା ପାଇଁ ବ୍ୟବହୃତ ଗୋଟିଏ ଲୁହା ଓ ରକ୍ତ ଦାଗ ଥିବା କିଛି ପଥର ବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁଦ୍ଧଦେବ ମଣ୍ଡଳ, ଗୁରୁପଦ ମଣ୍ଡଳ, ପବିତ୍ର ମଣ୍ଡଳ ଏବଂ ରାଜେନ୍ଦ୍ର ଭୂୟାଁ।

## ସାଇ ମନ୍ଦିର ବାର୍ଷିକ ଯଜ୍ଞ ପାଇଁ କଳସ ଯାତ୍ରା



**ରଘୁନାଥପୁର, ୨୮।୧(ସମିସ):** ରଘୁନାଥପୁର ବ୍ଲକ ଶାଳିଜଙ୍ଗା ସାଇମନ୍ଦିରର ସପ୍ତମ ବାର୍ଷିକ ପ୍ରତିଷ୍ଠା ଦିବସ ଉପଲକ୍ଷେ ମହାଯଜ୍ଞ ପାଇଁ ମହାନଦୀ ତାରପୁର ଶିବମନ୍ଦିର ଓ ରାମନ୍ଦିର ନିକଟରୁ ୨ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପାଣି ଉଠାଇ କଳସ ଯାତ୍ରା କରିଛନ୍ତି। ମହାଯଜ୍ଞ ୨୭ତାରିଖ ଠାରୁ ଆରମ୍ଭ ହୋଇ ୩୦ତାରିଖରେ ପୂର୍ଣ୍ଣାହୂତି ହେବ ବୋଲି ଟ୍ରଷ୍ଟର ସଭ୍ୟ ବାବାଜୀ ଜେନା, କାଜଲ ପାଲଟାସିଂ ପ୍ରକାଶ କରିଛନ୍ତି। କଳସ ଶୋଭାଯାତ୍ରାରେ ବିଜେଡି ନେତା ରମାକାନ୍ତ ଭୋଇ, ବିଶ୍ୱ ଓଡିଆ ମହାସଂଘର ସଭାପତି ଡ. ସୁରେନ୍ଦ୍ର ନାଥ ମହାପାତ୍ର, ବିଜେପି ମହିଳା ନେତ୍ରୀ ସ୍ମିତା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ଜ୍ୟୋତି ମହିଳା ମହାସଂଘ ସମ୍ପାଦିକାଙ୍କ ଦୁବାଇ ଗସ୍ତ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା



**ରଘୁନାଥପୁର, ୨୮।୧(ସମିସ):** ରଘୁନାଥପୁର ବ୍ଲକର ଜ୍ୟୋତି ମହାସଂଘର ସମ୍ପାଦିକା ମୃଣମୟୀ ପଣ୍ଡା ଦୁବାଇ ଗସ୍ତ କରିବାପାଇଁ ମନୋନିତ ହୋଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମହାସଂଘର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ୨୯ତାରିଖରୁ ୩୧ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ପରିଭ୍ରମଣ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ରାଜ୍ୟସରକାର ସମସ୍ତ ବ୍ୟବସ୍ଥା କରିଥିବାରୁ ରଘୁନାଥପୁର ଅଞ୍ଚଳର ଏସଏଚଜି ମହିଳାଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ରଘୁନାଥପୁର ବ୍ଲକର ମିଶନ ଶକ୍ତିର ବିପିସି ସ୍ନେହପ୍ରିୟା ସ୍ୱାଇଁ, ଜ୍ୟୋତି ମହାସଂଘର ସଭାନେତ୍ରୀ ବିଷ୍ଣୁପ୍ରିୟା ଆଚାର୍ଯ୍ୟ, ହେନାରାଣୀ ସିଂହ, ପ୍ରମୋଦିନୀ ସ୍ୱାଇଁ, ସୁଶ୍ରୀ ସଙ୍ଗୀତା ମହାପାତ୍ର, ମେନକା ମହାପାତ୍ର ପ୍ରମୁଖ ସମ୍ପାଦିକା ଶ୍ରୀମତୀ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ



**ରଘୁନାଥପୁର, ୨୮।୧(ସମିସ):** ରାଜ୍ୟସରକାରଙ୍କ ସମସ୍ତ ଯୋଜନା କିଭଳି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ଗ୍ରାମ ପଞ୍ଚାୟତର ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକମାନଙ୍କୁ ଅବଗତ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପ୍ରତି ବିଭାଗର ସମସ୍ତ ଅଧିକାରୀ ମାନେ ପଞ୍ଚାୟତକୁ ଯାଇ ଲୋକଙ୍କ ପାଖରେ ପହଞ୍ଚି ସରକାରଙ୍କ ସୁବିଧା ଅସୁବିଧା ବୁଝି ସାମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁକରି ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଅଧିକାରୀମାନେ ପହଞ୍ଚି ଲୋକଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହିତ ସରକାରଙ୍କ ଲୋକାଭିମୁଖୀ ଯୋଜନାର ପ୍ରସାରପ୍ରଚାର ପାଇଁ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଧରପୁର ସରପଞ୍ଚ ସାହେବା ତବସୁମଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟ ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ସମିତିସଭ୍ୟା ସାଗରିକା ତରାଇ ଯୋଗଦେଇ ସରକାରଙ୍କ ଲୋକାଭିମୁଖି ଯୋଜନା ପଞ୍ଚାୟତବାସୀଙ୍କଙ୍କ ନିକଟରେ ପ୍ରକାଶ କରିଥିଲେ। ପାଲା ମାଧ୍ୟମରେ ସରକାରଙ୍କର ବିଭିନ୍ନ ଯୋଜନା ବିଷୟରେ ବର୍ଣ୍ଣନା କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ରହିମ ଖାଁନ୍, ଭବାନୀ ଶଙ୍କର ଦାସ, ପ୍ରସନ୍ନ ସେଠୀ, ନୃସିଂହ ନାଥ ନାୟକ, ଅଜୟ ସାମଲ, ନାଏବସରପଞ୍ଚ ବରଦା ପ୍ରସନ୍ନ ନାୟକ ସହଯୋଗ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସମସ୍ତ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ଜୟନ୍ତୀ



ଜଗତସିଂହପୁର, ୨୮।୧(ସମିସ): ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ଦାୟଦ ପରିଷଦ ଓ ନେହେରୁ ଯୁବ ସଂଗଠନ ଜଗତସିଂହପୁର ମିଳିତ ସହଯୋଗରେ ସ୍ଥାନୀୟ ବଡବଜାରସ୍ଥିତ ଅଳକା ଆଶ୍ରମ ସ୍ମୃତିଭବନ ପରିସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ୧୨୫ ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବର୍ଷିଆନ ଗାନ୍ଧିବାଦୀ ବଂଶିଧର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମହାତ୍ମା ଗାନ୍ଧି ଓ ସଂଗ୍ରାମୀ ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପରେ ପରିଷଦର ସମ୍ପାଦକ ଉତ୍କଳ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଜିଲ୍ଲା ପରିଷଦର ଅଧ୍ୟକ୍ଷ ନଟବର ବାରିକ, ମୁଖ୍ୟବକ୍ତା ଭାବରେ ସାହିତ୍ୟିକ ମହେନ୍ଦ୍ର କୁମାର ଅଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବରେ ସମାଜସେବୀ ଗୌରାଙ୍ଗ ଚରଣ ହୋତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ରନାଥ ରାଉତରାୟ, ବିଜ୍ଞାନ ଶିକ୍ଷକ ସଞ୍ଜୀମ କିଶୋର ମହାନ୍ତି, ରମେଶ ଚନ୍ଦ୍ର ଦାଶ, ନିମାଇଁ ଚରଣ ମଲ୍ଲିକ, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରକାଶ ରଞ୍ଜନ ଦାଶ, ଦାୟଦ ସରୋଜ କୁମାର ନାୟକ, ନେହେରୁ ଯୁବ କେନ୍ଦ୍ର ଜିଲ୍ଲା ଅଧିକାରୀ ନିଖିଲ କୋକୁଲା, କବି ବନମାଳି ବେହେରା ପ୍ରମୁଖ ଯୋଗାଦେଇ ସ୍ୱାଧୀନତା ଆନ୍ଦୋଳନରେ ପ୍ରବାଦ ପୁରୁଷ ସଂଗ୍ରାମୀ ସ୍ୱର୍ଗତ ଦାସଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶିଶୁ ଆଶ୍ରମର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଶିବ ଦାଶ ସ୍ମାରକୀ କବିତା ପାଠୋତ୍ସବ

**ଜଗତସିଂହପୁର, ୨୮।୧(ସମିସ):** ଶିବ ଦାଶ ସ୍ମାରକୀ କବିତା ପାଠୋତ୍ସବ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ମାଣପୁର-କୋଡିଆ ଠାରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସାହିତ୍ୟ ସଭାରେ କୃଷ୍ଣଚନ୍ଦ୍ର ନନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ତଥା ସାହିତ୍ୟିକ ଜ୍ୟୋତିଷ ଚନ୍ଦ୍ର ଦାସ ସାମ୍ପ୍ରତିକ ଯୁବ ପିଢିକୁ ସାହିତ୍ୟ ମନସ୍କ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ଡ. ବିଷ୍ଣୁ ପ୍ରିୟା ଦାସ ଯୋଗଦେଇ ଏପରି ସାହିତ୍ୟ ସମ୍ମିଳନୀ ସାମାଜିକ ସଦ୍‌ଭାବ ପ୍ରତିଷ୍ଠାରେ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ମହାସ୍ମିତା ଓଝା ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ସମର୍ପିତ ଏହି କବିତା ପଠୋତ୍ସବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହାକୁ ବିଜେପି ମହାବିଦ୍ୟାଳୟ ଓଡିଆ ବିଭାଗ ମୁଖ୍ୟ ଶୁଭ୍ରାଂଶୁ କୁମାର ବେହେରା ପରିଚାଳନା ଓ ସବିତା ନାୟକ ସଂଯୋଜନା କରିଥିଲେ। ସମ୍ପାଦକୀୟ ବିବରଣୀରେ ସମ୍ପାଦକ ଦୀପ୍ତଭାନୁ ଦାଶ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ମାସିକ ଆଦି ପତ୍ରିକାର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ କବି ନିରଞ୍ଜନ ପଣ୍ଡା, ପୀତାମ୍ବର ମହାପାତ୍ର, ସାରଦା ସ୍ୱାଇଁ, ରବୀନ୍ଦ୍ର ନାଥ ମିଶ୍ରଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଦୀପକ କୁମାର ମହାନ୍ତି ଅତିଥି ପରିଚୟ ଓ ସଂସଦର ବରିଷ୍ଠ ସଦସ୍ୟ ଧ୍ରୁବଚରଣ ଦାଶ ଧନ୍ୟବାଦ ଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସ୍ତମ୍ଭ ଉନ୍ମୋଚିତ



**ବାଲିକୁଦା, ୨୮।୧(ସମିସ):** ବାଲିକୁଦା ବ୍ଲକ ପୂଜ୍ୟପୂଜା ସଂସଦ ପକ୍ଷରୁ ଅଳାବୋଳ ପଞ୍ଚାୟତ ଅଳାବୋଳ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସ୍ତମ୍ଭ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାବା ସତ୍ୟାନନ୍ଦ ଦାସ ମହାରାଜ, ମୁଖ୍ୟବକ୍ତା ଭାବେ ପ୍ରଭୁପାଦ ପ୍ରେମ ନିମାଇଁ ଦାସ ମହାରାଜ, ସମ୍ମାନିତ ଅତିଥି ଭାବେ ପ୍ରିୟ ରଞ୍ଜନ ଦାସ, ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ସମିତି ସଭ୍ୟ ଚିତ୍ତରଞ୍ଜନ ମନ୍ତ୍ରୀ, ଦ୍ୱିତୀକୃଷ୍ଣ ଦାସ ଯୋଗଦେଇ ଏହି ପଞ୍ଚାୟତ ସେହି ୧୪ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ଜନ୍ମ ଦେଇ ଗର୍ବ ଅନୁଭବ କରେ ଯିଏକି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ କାରାବରଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟ ସମ୍ମୁଖରେ ଅତିଥିମାନଙ୍କ ଦ୍ୱାରା ସ୍ୱାଧୀନତା ସଂଗ୍ରାମୀ ଶାରଳା ଦେବୀ, ନିତ୍ୟାନନ୍ଦ କାନୁନଗୋ, ହରେକୃଷ୍ଣ ସ୍ୱାଇଁଙ୍କ ସମେତ ସମସ୍ତ ୧୪ଜଣ ସଂଗ୍ରାମୀଙ୍କ ସ୍ମୃତିସ୍ତମ୍ଭ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ସାହିତ୍ୟିକ ଡ଼ ବିଷ୍ଣୁ ଚରଣ ସ୍ୱାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଉପସଭାପତି ଶାଶ୍ୱତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ।

- ବାସୁଦେବ ଜୀଉ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମହାବୀରକୁ ହରାଇ ଶ୍ରୀରାମ ଚାମ୍ପିଅନ୍

**ପାରାଦୀପ, ୨୮।୧(ସମିସ):** ବାବା ବାସୁଦେବ ଜୀଉ କ୍ରିକେଟ କ୍ଲବ ଜଳଧରପୁର ଆନୁକୂଲ୍ୟରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ରବିବାର ଥିଲା ଫାଇନାଲ ମ୍ୟାଚ। ଟସ୍ ଜିତି ଶ୍ରୀରାମ ଇଲେଭେନ ପାରାଦୀପଗଡ଼ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୨୧୧ ରନ୍ କରିଥିଲା। ଜବାବରେ ମହାବୀର କ୍ରିକେଟ କ୍ଲବ ନୂଆଗାଁ ୯ ଉଇକେଟ ରେ ୧୭୦ ରନ ସଂଗ୍ରହ କରିଥିଲେ। ପାରାଦୀପ ଗଡ଼ ଶ୍ରୀରାମ ଇଲେଭେନର ଦୀପକ ପରିଡ଼ାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ସିରିଜ ଘୋଷଣା କରାଯାଇଥିଲା। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଫତେପୁରର ସମୀର ସ୍ୱାଇଁ, ଦେବେନ୍ଦ୍ର ସାହୁ, ବିକ୍ରମ ସାମଲ, ଭଗବତୀ ତରାଇ ଓ ବିପିନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବାବା ବାସୁଦେବ ଜୀଉ କ୍ରିକେଟ କ୍ଲବ ପକ୍ଷରୁ ଟୁଲକେଶ୍ୱର ପାଲ, କୁମର ମହାପାତ୍ର, ରଞ୍ଜନ କୁମାର ପାଲ ଓ ସତ୍ୟାନନ୍ଦ ସାମଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



# 'ସମସ୍ତଙ୍କ ପାଇଁ ଶିକ୍ଷା' ବାର୍ତ୍ତାନେଇ ଗଣଦୌଡ଼



**ଜଗତସିଂହପୁର, ୨୮।୧(ସମିସ):**

ଜଗତସିଂହପୁର ଜିଲ୍ଲା ସଦରମହକୁମା ଠାରେ କିଟ୍ କିସ ପକ୍ଷରୁ 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷନେଇ ସ୍ଥାନୀୟ କଲେଜଛକଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। କଲେଜଛକଠାରେ ଏହି ଗଣଦୌଡ଼କୁ ପତାକା ହଲାଇ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମନୋଜ କୁମାର ଭୋଇ ଓ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ ଉଦ୍‌ଘାଟନ କରିଥିଲେ। ଶିକ୍ଷା ହିଁ ପ୍ରତି ପିଲାମାନଙ୍କ ପାଇଁ ନିତ୍ୟାନ୍ତ ଜରୁରୀ ବୋଲି କହିଥିଲେ। ଏହି ଗଣଦୌଡ଼ କଲେଜ ଛକଠାରୁ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ଜଗତସିଂହପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭୋଇ ପିଲାମାନଙ୍କୁ ଶିକ୍ଷାର ଉପକାରିତା ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ, ଜିଲ୍ଲା ଆଥଲେଟିକ ଆସୋସିଏସନର ସଭାପତି ତଥା ଆଇନଜୀବୀ ଦୋଳଗୋବିନ୍ଦ ଦାସ, ସାମ୍ବାଦିକ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ କିଟ୍ କିସ ଦ୍ୱାରା ଆୟୋଜିତ ଏହି ଗଣଦୌଡର ଲକ୍ଷ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଗଣଦୌଡ଼ରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସାମ୍ବାଦିକ ଶୁଭଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

**ପାରାଦୀପ:** ସେହିପରି କିଟ୍ ଓ କିଟ୍ ପକ୍ଷରୁ ପାରାଦୀପରେ ମଧ୍ୟ ଏକ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପାରାଦ୍ୱୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇ ମିନି ମାରାଥନକୁ ଶୁଭାରମ୍ଭ କରିଥିଲେ। ପାରାଦୀପର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପାଖାପାଖି ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ମାରାଥନରେ ଅଂଶଗ୍ରହଣ କରି ମଧୁବନ ମାଉସୀମା ମନ୍ଦିରଠାରୁ ବାହାରି ବଡ଼ପଡ଼ିଆ ମାର୍କେଟ ଦେଇ ଗୋପବନ୍ଧୁ ଷ୍ଟାଡିଅମ୍‌ରେ ପହଞ୍ଚିଥିଲେ। ସମ୍ମାନିତ ଅତିଥି ଭାବେ ଭଲିବଲ କୋଚ ସଞ୍ଜୟ ଦାସ, ଗୋପବନ୍ଧୁ କ୍ରୀଡା ସଂସଦ ଉପଦେଷ୍ଟା ରବୀନ୍ଦ୍ର ଦାସ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା ପ୍ରମୁଖ ଯୋଗ ଦେଇ ଶିକ୍ଷାର ବିକାଶକୁ ନେଇ ଡ଼ ଅଚ୍ୟୁତ ସାମନ୍ତଙ୍କ ଅବଦାନ ଅତୁଳନୀୟ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ସାମ୍ବାଦିକ ହରିଶ୍ଚନ୍ଦ୍ର ଲେଙ୍କା, କ୍ରୀଡାବିତ ଶାଶ୍ୱତ ଭାରତୀୟ ଏବଂ କିଟ୍, କିସ୍‌ର ସଦସ୍ୟ ପ୍ରଦୀପ୍ତ ପଲାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମିନି ମାରାଥନରେ ଭାଗନେଇଥିବା ସମସ୍ତ ଛାତ୍ର, ଛାତ୍ରୀ ଓ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ବାଲିଗୁଡ଼ା, ୨୮।୧(ସମିସ):** ବାଲିଗୁଡ଼ା ବ୍ଲକ ବାଲିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିଗୁଡ଼ା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଲିଗୁଡ଼ା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତି, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଦାସ, ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉରୀ, ଜିଲ୍ଲାପରିଷଦ ରୁନିଲତା ବେହେରା, ତଟିନୀ ସ୍ୱାଇଁ, ଜଟାଧାରୀ ଦାସ, ଡଲି ପଣ୍ଡା, ହରିଶ୍ଚନ୍ଦ୍ର ଶତପଥୀ, ସମିତି ସଭ୍ୟା ଯାଜ୍ଞସେନି ରାଉତ, ନାଏବ ସରପଞ୍ଚ ଶାନ୍ତିଲତା ସେଠୀ, ପଞ୍ଚାୟତ ଅଧିକାରୀ ଶ୍ରୀମନ ନାରାୟଣ ଦାଶ, ଜିଆରଏସ ଦୀପକ ଦାସ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଉପସ୍ଥିତ ଥିବା ଲୋକ ମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ଅନୀଲ ରାଉତ, ପ୍ରୀତି ବର୍ଦ୍ଧନ ଦାସ, ବୁଦ୍ଧିନାଥ ବିଶାଳ, ରଶ୍ମିରଞ୍ଜନ ରାଉତ, କାର୍ତ୍ତିକ ଗୋଛାୟତ, ସେକ ତସୀମ, ପୂର୍ଣ୍ଣଚନ୍ଦ୍ର ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

# ଅସରାଏ ବର୍ଷାରେ ରାସ୍ତା ବେହାଲ

**ରାଜକନିକା, ୨୮।୧(ସମିସ)**

ରାଜକନିକା -କଣ୍ଡିଆ ପୂର୍ତ୍ତବିଭାଗ ରାସ୍ତା ରାଜପଥର ନମତରା ନିକଟରେ ତିନି ତିନିଟା ବିପର୍ଯ୍ୟସ୍ତ କଲଭର୍ଟ ରାସ୍ତା ଅସରାଏ ବର୍ଷାରେ ବେହାଲ ହୋଇ ପଡ଼ିଛି। ଫଳରେ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସୂଚନା ଅନୁସାରେ ତିନିବର୍ଷ ତଳେ ଏହି ରାସ୍ତାର ପିଚୁ କାମ ସରିଛି। ଠିକାଦାର ଆଉ ବିଭାଗୀୟ ଅଧିକାରୀଙ୍କ ସାଲିସୁତ୍ରରେ କଲଭର୍ଟ କାମ ନ ହୋଇ ପଡ଼ି ରହିଛି। ଅସରାଏ ବର୍ଷା ହେଲେ ରାସ୍ତା ପାଣି କାଦୁଅରେ ଭର୍ତ୍ତି ହୋଇଯାଏ। ବଡ଼ ବଡ଼ ଗାଡ, ଗୋଡି ଏଣେତେଣେ ପଡ଼ିବା ଆଉ ରାସ୍ତାଟି ଯାତାୟାତ ଉପଯୋଗୀ ନ ହେବା କାରଣରୁ ଲୋକେ ହିନସ୍ତା ଭୋଗୁଛନ୍ତି। ଯେହେତୁ ଏହି ରାସ୍ତାଟି ରାଜକନିକାକୁ ସିଧା ଯୋଡୁଛି ଏହା ଉପରେ ୧୦ ପଞ୍ଚାୟତ ନିର୍ଭର କରିବା ସହିତ କଟକ, ରାଉରକେଲା, କୋଲକାତା ଭଳି ସହରକୁ ବସ୍ ସେବା ବି ହୋଇଥାଏ। ରାସ୍ତାର ବିପର୍ଯ୍ୟସ୍ତ ନେଇ ବହୁବାର ଖବର କାଗଜରେ ପ୍ରକାଶିତ ପରେ ବି ଏଯାବତ୍ ଏହି କଲଭର୍ଟର ମରାମତି ନ ହେବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ କଲଭର୍ଟ ମରାମତି କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବୁ ଆଗାମୀଦିନରେ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

**ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ**



# ସାମ୍ବାଦିକ ଅରୁଣ ପଣ୍ଡାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା, ୨୮।୧(ସମିସ)**

ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର, ଲେଖକ ତଥା ସାହିତ୍ୟିକ ସ୍ୱର୍ଗତ ଅରୁଣ ପଣ୍ଡାଙ୍କୁ କେନ୍ଦ୍ରାପଡ଼ାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ପଣ୍ଡିତ ସତ୍ୟ ନାରାୟଣ ପତି ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ସର୍ବେଶ୍ୱର ମିଶ୍ର ମୁଖ୍ୟବକ୍ତା ଓ ପଣ୍ଡିତ ହୃଷିକେଶ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ଅରୁଣ ପଣ୍ଡା କେନ୍ଦ୍ରାପଡ଼ାରେ ସାମାଜିକ କାର୍ଯ୍ୟରେ ଅଂଶ ଗ୍ରହଣ କରି ଦୀର୍ଘ ୭୦ ଦଶକରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ସ୍ମୃତିଚାରଣ କରିବା ସହ କେନ୍ଦ୍ରାପଡ଼ା ସହ ତାଙ୍କର ଥିବା ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରା, ଉତ୍କଳ ସାମ୍ବାଦିକ ୟୁନିୟନ ଜିଲ୍ଲା ସଭାପତି ହିମାଂଶୁ ଶେଖର ନାୟକ, ବିଜେପି ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ବିଜେପି ନେତା ବୈଦ୍ୟନାଥ ଚାଟାର୍ଜୀ, ହରିଶ ପ୍ରଧାନ, ହିମାଂଶୁ ଶେଖର ଦାସ, ନୃସିଂହ ପ୍ରସାଦ ପତ୍ରୀ, ନୃସିଂହ ଚରଣ ତ୍ରିପାଠୀ, ଆଇନଜୀବି ସରୋଜରାଜ ସିଂହ ପ୍ରମୁଖ ସ୍ମୃତିଚାରଣା କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ଅମରଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବଣ୍ଟନ

**ଗରଦପୁର, ୨୮।୧(ସମିସ):** ସିଦ୍ଧେଶ୍ୱର ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଗରଦପୁର ବ୍ଲକ ଅନ୍ତର୍ଗତ ସାନଅଢ଼ଙ୍ଗା ପଞ୍ଚାୟତର ଧାନମଣ୍ଡଳ ସିଦ୍ଧେଶ୍ୱର ପୀଠଠାରେ ଏହି ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଶାସକ ବିକାଶ ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲର ବିଭିନ୍ନ ବିଭାଗର ଡାକ୍ତର ଗୟାଧର ବେହେରା, ମନିକେଶ ସେଠୀ, ପ୍ରଶାନ୍ତ ରାଉତ, ଏମ୍ ପାଢ଼ୀ, ଶ୍ରୀହାନ୍ତି କୁଲି, ଶୁଭ୍ରଜିତ୍ ପରିଡ଼ା ପ୍ରମୁଖ ଯୋଗଦେଇ



ମେଡିସିନ, ଅସ୍ଥିସଲ୍ୟ, ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ, ଦନ୍ତ ଚିକିତ୍ସା, ହୃଦରୋଗ ଆଦି ଚିକିତ୍ସା ସହ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳର ୪୦୦ରୁ ଉର୍ଦ୍ଧ୍ୱ ଲୋକ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ଅ।।ମ୍। ଅଧ୍ୟକ୍ଷ ବାସୁଦେବ ବେହେରା, ୧୦ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତ, ଚାନ୍ଦୋଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ବାବୁ ଦାସ ପ୍ରମୁଖ ଯୋଗଦେଇଥିଲେ।ସିଦ୍ଧେଶ୍ୱର ୱେଲଫେୟାର ଟ୍ରଷ୍ଟ ସଭାପତି ସୁବାଷ ମହାପାତ୍ର, ଭାସ୍କର ଜେନା, ପ୍ରସନ୍ନ ଜେନା, ଅଜୟ ମହାପାତ୍ରଙ୍କ ସମେତ ଟ୍ରଷ୍ଟର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଗୀତାଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞ

**ମଣିଜଙ୍ଗା, ୨୮।୧(ସମିସ):** ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତର ଏସ୍.ଏନ୍.ପାଟଣା ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୦୮ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୋ ପୂଜା, ଗୀତାଯଜ୍ଞ ଓ ମହାମନ୍ତ୍ର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଣିଜଙ୍ଗା, ଜଡତିରା ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତ ଯୋଗଦେଇ ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଅଷ୍ଟପ୍ରହର ନାମଯଜ୍ଞର କର୍ତ୍ତା ଦାୟିତ୍ୱ ସୁଶାନ୍ତ ଚରଣ ସାହୁ ତୁଲାଇଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

**ମଣିଜଙ୍ଗା, ୨୮।୧(ସମିସ):** ତିର୍ତ୍ତୋଲ ବ୍ଲକର ଆମ୍ରେରୀ ଗ୍ରାମପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆମ୍ରେରୀ ସରପଞ୍ଚ ରିନାବାଳା ସ୍ୱାଇଁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିର୍ତ୍ତୋଲ ବ୍ଲକର ଅତିରିକ୍ତ ବିଡିଓ ସତ୍ୟଜିତ୍ ସ୍ୱାଇଁ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଆମ୍ରେରୀ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିକ୍ରମ ମହାନ୍ତି, ଅଭୟ ସାହୁ, ମିନତୀ ସୂତାର, ମୁକ୍ତିମୟୀ ଦାସ (ପୂର୍ବତନ ସମିତି ସଭ୍ୟା), ପୂର୍ବତନ ଜିଲ୍ଲାପରିଷଦ ସନ୍ତୋଷ ମଲ୍ଲିକ, କବିତା ମହାନ୍ତି, ନୃସିଂହ ମନ୍ତ୍ରୀ, ସତ୍ୟଭାମା ମନ୍ତ୍ରୀ, ଏସ୍.ଏଚ୍.ଜି. ମହିଳାମାନେ ୧୦ଟି ଷ୍ଟଲ ପକାଇଥିଲେ।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା



**ଓଲାଭର, ୨୮।୧(ସମିସ):** ରାଜକନିକା ବ୍ଲକ ଦେଉଳତରା ପଞ୍ଚାୟତ ବରିପଡ଼ା ଗ୍ରାମର ସମାଜସେବୀ ଭୀମସେନ ବାରିକଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଇଂ ପଞ୍ଚାନନ ଦାସଙ୍କ ସଂଯୋଜନା କରିଥିଲେ। ପ୍ରଥମେ ଦିବଂଗତଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରା ଯିବା ସହିତ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଦିଆ ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜକନିକା ବ୍ଲକ ଯାଦବ ମହାସଭାର ସମ୍ପାଦକ ମନୋଜ ପରିଡ଼ା, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ, ଶ୍ରୀନିବାସ ପ୍ରଧାନ, ପ୍ରକାଶ ବାରିକ୍, , ସନ୍ତୋଷ ଦାସ, ନିମାଇଁ ଚରଣ ଦାସ, ସମିତି ସଭ୍ୟ ସଞ୍ଜୟ ବେଉରିଆ, ପ୍ରାକ୍ତନ ଶିକ୍ଷାବିତ୍ ନଚ୍ଛେନ୍ଦ୍ର ବଳ, କିଶୋର ପଲାଇ, ହେମନ୍ତ ବାରିକ୍ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅଭିମନ୍ୟୁ ବାରିକ୍ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜନଶକ୍ତି ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ମାର୍ଶାଘାଇ, ୨୮।୧(ସମିସ):** ମାର୍ଶାଘାଇ ବ୍ଲକ ପେଣ୍ଠ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଶିକ୍ଷାବିତ୍ ମୁରଲୀଧର ଦାସ, ସମ୍ମାନିତ ଅତିଥି ଭାବେ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଜକିଶୋର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିଶିର ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନେତାଜୀ ସୁଭାଷ ବୋଷଙ୍କ ଫଟୋଚିତ୍ରରେ ମାଲ୍ୟର୍ପଣ କରାଯାଇଥିଲା। ଶିକ୍ଷକ ପ୍ରଶାନ୍ତ ମହାନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ସମାଜସେବୀ ଇଂ ଆଦିକନ୍ଦ ପତି, ମୁଖ୍ୟବକ୍ତା ମାର୍ଶାଘାଇ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଧବାନ୍ଦ ନାୟକ, ମୋ'ସ୍କୁଲ କମିଟି ସଭାପତି ନରେନ୍ଦ୍ର କୁମାର ପରିଡ଼ା ଯୋଗଦେଇ ଆତ୍ମବିଶ୍ୱାସ ଓ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଦ୍ୱାରା ଛାତ୍ରଛାତ୍ରୀ ସଫଳତା ହାସଲ କରିବ ବୋଲି କହିଥିଲେ।

# ସଂଗ୍ରାମୀ ଯୁବନେତା କଲ୍ୟାଣ ସ୍ୱାଇଁଙ୍କ ସ୍ମୃତିଚାରଣ ସଭା

**ପଟ୍ଟାମୁଣ୍ଡାଇ, ୨୮।୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡପଡ଼ା ପଞ୍ଚାୟତର ପ୍ରାକ୍ତନ ସମିତିସଭ୍ୟ କଲ୍ୟାଣ ସ୍ୱାଇଁଙ୍କ ବିୟୋଗରେ ପୋଖରୀଆପଡ଼ା ବାସଭବନରେ ଏକାଦଶାହରେ ସ୍ମୃତିଚାରଣ ସଭା ହୋଇଯାଇଛି। ସମାଜସେବୀ ନଳିନୀକାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ପ୍ରାକ୍ତନ ମନ୍ତ୍ରୀ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପ୍ରାକ୍ତନ ବିଧାୟକ ଡ. ଅଲେଖ ଜେନା, ପ୍ରାକ୍ତନ ବିଧାୟକ କିଶୋର ତରାଇ, ପ୍ରାକ୍ତନ ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଜୟନ୍ତୀ ସ୍ୱାଇଁ, ସାମ୍ବାଦିକ ଅନୀଲ ଚୌଧୁରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ବୃନ୍ଦାବନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ 'ସୃଜନୀ' କାର୍ଯ୍ୟକ୍ରମ

**ଏରସମା, ୨୮।୧(ସମିସ):** ଏରସମା ବ୍ଲକ ଅନ୍ତର୍ଗତ ଗୋଡାସ୍ଥିତ ବୃନ୍ଦାବନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ 'ସୃଜନୀ' ୨୦୨୪ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବେଣୁଧର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସର୍ବେଶ୍ୱର ବିଶ୍ୱାଳ, ପଣ୍ଡିତ ନାଗୁ ଚରଣ ଦେବତା, ଗୁରୁ ଚରଣ ସ୍ୱାଇଁ, ବୃନ୍ଦାବନ ବିହାରୀ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ ନାୟକ, ମୋ ସ୍କୁଲ ଅଭିଯାନର ସଭାପତି କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ପୂର୍ବତନ ଛାତ୍ର ଆଦିତ୍ୟ ସାହୁ ୨୦୨୩ ମାଟ୍ରିକ୍ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ଅତିଥିମାନେ ତାଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ। ଏଥିସହ ବିଭିନ୍ନ ବିଭାଗରେ ପାରଦର୍ଶିତା ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଡଃ. ବେଣୁଧର ପ୍ରଧାନଙ୍କ ସ୍ମୃତିଚାରଣ ସଭା




**କେନ୍ଦ୍ରାପଡ଼ା, ୨୮।୧(ସମିସ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଡଃ. ବେଣୁଧର ପ୍ରଧାନ ସ୍ମୃତଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଡଃ. ବେଣୁଧର ପ୍ରଧାନଙ୍କ କାର୍ଯ୍ୟଶୈଳୀ, ଶିକ୍ଷାଦାନ ପଦ୍ଧତି ଓ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ପ୍ରଭାକର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଆର୍ଶିଆ ଅଞ୍ଜୁମ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ଦର୍ଶନଶାସ୍ତ୍ର ବିଭାଗ ଅଧ୍ୟାପକ ଅଚ୍ୟୁତାନନ୍ଦ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଷ୍ଣବ ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



**ରାଜନଗର, ୨୮।୧(ସମିସ):** ରାଜନଗର ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଦାଣ୍ଡି ଗ୍ରାମର ତିନିପିଢିର ପ୍ରଣମ୍ୟ ଶିକ୍ଷକ ବୈଷ୍ଣବ ଚରଣ ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ତାଙ୍କ କର୍ମକ୍ଷେତ୍ର ଫିରିକିଦାଣ୍ଡି ଉନ୍ନୀତ ଉପ୍ରାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ଦିବଂଗତ ବୈଷ୍ଣବ ସାରଙ୍କ ଛାତ୍ର ଗାଳ୍ପିକ ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ କଳାକର ଦାସ, ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ସମ୍ମାନିତ ଅତିଥି ଭ୍ରମରବର ପ୍ରଧାନ, ରବୀନ୍ଦ୍ରନାଥ ପାତ୍ର, ସୁନୀଲ ଜେନା ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମର ମୁରବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ପ୍ରଧାନ ଶିକ୍ଷୟିତ୍ରୀ ଆଲୋକ ମଞ୍ଜରୀ ରାଉତ, ନରେଶ ଚନ୍ଦ୍ର ପାତ୍ର, ସନ୍ତୋଷ ବେହୁରା ଓ ରାଜଲକ୍ଷ୍ମୀ ପାତ୍ରଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

# ଜରାଶ୍ରମର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇଲା ଆରସେଲର ମିତ୍ତଲ ନିପ୍ପନ ଷ୍ଟିଲ୍

**ପାରାଦୀପ, ୨୮।୧(ସମିସ):** ପାରାଦ୍ୱୀପରେ ଥିବା ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ତାର ପ୍ଲାଣ୍ଟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ନିକଟରେ ଥିବା ଜରାଶ୍ରମରେ ପହଞ୍ଚିଥିଲେ। କମ୍ପାନୀ ନିକଟରେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ସାଇରାମ ଜରାଶ୍ରମକୁ ଆସି ଅନ୍ତେବାସୀଙ୍କ ମୁହଁରେ ହସ ଫୁଟାଇଛନ୍ତି କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି. ସୁରେଶ। ପରିତ୍ୟକ୍ତ ଗୃହରେ ରହୁଥିବା ଅନ୍ତେବାସୀଙ୍କ ନିମନ୍ତେ ଗୃହ ଓ ପାରିପାର୍ଶ୍ୱିକ ସୁବିଧା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ସହିତ ଯଥାଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ତେବାସୀଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ପ୍ରୟାସ କରାଯିବ ବୋଲି କହିଛନ୍ତି ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ କାର୍ଯ୍ୟନିର୍ବାହୀ ଅଧିକାରୀ।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା

ରାଜନଗର, ୨୮।୧(ସମିସ): ରାଜନଗର ବ୍ଲକ ପ୍ରାକ୍ତନ ଉପାଧ୍ୟକ୍ଷ ହଳଧର ମିଶ୍ରଙ୍କ ଧର୍ମପତ୍ନୀ ଶାନ୍ତିଲତା ମିଶ୍ରଙ୍କ ଯଦୁଚନ୍ଦ୍ରପୁରସ୍ଥ ବାସଭବନରେ ଦ୍ୱାଦଶାହ ଅବସରରେ ଆୟୋଜିତ ସ୍ମୃତିଚାରଣ ସଭା ଶିକ୍ଷାବିତ୍ ମହେଶ୍ୱର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଧ୍ରୁବ ସାହୁ, ପ୍ରାକ୍ତନ ବିଧାୟକ ଅଂଶୁମାନ ମହାନ୍ତି, ଅଲେଖ କୁମାର ଜେନା, ବିଜେପି ଜିଲ୍ଲା ଉପସଭାପତି ଅଜୟ ବେହେରା, ପଣ୍ଡିତ ହୃଷୀକେଶ ରଥ, ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ମୋହନ କୁମାର ଦାସ, ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗ ଦେଇ ଶ୍ରୀମତୀ ମିଶ୍ରଙ୍କ ଗୁଣଗାନ କରିଥିଲେ।

# ମୁକ୍ତେଶ୍ୱର ଉଚ୍ଚବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

**ବାଲିକୁଦା, ୨୮।୧(ସମିସ):** ବାଲିକୁଦା ବ୍ଲକ ମୁଲୁଗା ପଞ୍ଚାୟତର ମୁକ୍ତେଶ୍ୱର ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟର ୨୯ତମବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ହରେକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନ ସଭାରେ ପ୍ରତିଯୋଗୀମାନଙ୍କୁ ପ୍ରଧାନଶିକ୍ଷକ ଖେଳ ସାର୍ଟିଫିକେଟ ସହିତ କପ୍ ପ୍ରଦାନ କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶିବ ଚରଣ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ବିଧିବଦ୍ଧ ଭାବେ ଆରମ୍ଭ ହୋଇଥିଲା ଛାତ୍ର ମାନଙ୍କ ତରଫରୁ ପ୍ରିୟବ୍ରତ ପରିଡ଼ା ଓ ଛାତ୍ରୀଙ୍କ ତରଫରୁ ସୁଶ୍ରୀ ସଙ୍ଗୀତା ବେହେରା ଭଲ ଖେଳିଥିଲେ। ସେ ଦୁହିଁଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ ଖେଳାଳି ଭାବରେ ପ୍ରଧାନଶିକ୍ଷକ ପୁରସ୍କାର ପ୍ରଦାନ କରିଥିଲେ।

# ଧୋୟା ଅଞ୍ଚଳର ଗାନ୍ଧୀ ନୀଳମଣି ଅଲୋଡ଼ା

**ଜଗତସିଂହପୁର, ୨୮।୧(ସମିସ)**



ଉପକୂଳ ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ଆଗ୍ରଗଣ୍ୟ ସଂଗ୍ରାମୀ ତଥା ଧୋୟା ଅଞ୍ଚଳର ଗାନ୍ଧୀ ଭାବରେ ପରିଚିତ ସ୍ୱର୍ଗତ ନୀଳମଣି ପ୍ରଧାନ ପ୍ରଶାସନ ଦ୍ୱାରା ଅଲୋଡ଼ା ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ ସେ ନିଆଳିର ବାହାରଣା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଶେଷଜୀବନ ଲେଖନପୁର ଅଳକାଶ୍ରମରେ ପରିଚାଳକ ଭାବରେ କାମ କରିଥିଲେ। ପରବର୍ତ୍ତୀ ସମୟରେ 'ସ୍ୱରାଜ୍ୟ ଆଶ୍ରମର ପରିଚାଳକ ଦାୟିତ୍ୱ ତୁଲାଇ ଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ ଗାନ୍ଧୀଙ୍କୁ ଅନୁସରଣ କରୁଥିଲେ। ସ୍ୱାଧୀନତା ପରେ ନୀଳମଣି ପ୍ରଧାନ ଦୁଇଥର ଅବିଭକ୍ତ ଜଗତସିଂହପୁରର (ନିଆଳି ) ବିଧାୟକ ଥିଲେ। ସେହିପରି ଜିଲ୍ଲା ବୋର୍ଡ଼ର ଅଧ୍ୟକ୍ଷ ଥିଲେ। କଂଗ୍ରେସ କମିଟି ସହିତ ରାଜ୍ୟ ରିଲିଫି କମିଟିର ସମ୍ପାଦକ ଥିଲେ। ଏହାବାଦ ସେ ମଧ୍ୟ ଡକ୍ଟର ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗିରଥି ମହାପାତ୍ର, ନିତ୍ୟାନନ୍ଦ କାନୁନଗୋ, ପତିତପାବନ ପ୍ରଧାନ, ବିଜୁ ପଟ୍ଟନାୟକଙ୍କ ଆଦରଣୀୟ ଥିଲେ। ତାଙ୍କ ସମୟରୁ ଏହି ଅଞ୍ଚଳରେ ବିକାଶର ପର୍ବ ଆରମ୍ଭ ହୋଇଥିବାରୁ ତାଙ୍କୁ ଧୋୟା ଗାନ୍ଧୀ ବୋଲି ଲୋକେ କୁହନ୍ତି। ତେବେ ଏଭଳି ମହାନ ବୀରପୁତ୍ରଙ୍କୁ ଭୁଲିଗଲାଣି ନିଆଳି ଓ ଜଗତସିଂହପୁର ମାଟି। ନିଆଳି ବ୍ଲକ ବିଲାଶୁଣି ପଞ୍ଚାୟତ ଲେଖନପୁରଠାରେ ନୀଳମଣିଙ୍କ ପ୍ରତିମୂର୍ତ୍ତି ଓ ବାହାରଣା ଠାରେ ସମାଧି ପୀଠ ଥିଲେ ମଧ୍ୟ ଏହା ଅଲୋଡ଼ା ହୋଇ ପଡ଼ି ରହିଛି। ପ୍ରଶାସନ ତରଫରୁ ଉକ୍ତ ସ୍ଥାନରେ କୌଣସି ପ୍ରକାର ସ୍ମାରକୀ କାର୍ଯ୍ୟକ୍ରମ କରାଯାଉ ନାହିଁ। ସେହିପରି ସଲେଇ-ବାହାରଣା-ନିଆଳି ରାସ୍ତାକୁ ନୀଳମଣି ସରଣୀ ରୂପେ ନାମିତ କରାଯାଇଛି ଓ ନିଆଳି ବାଳିକା ବିଦ୍ୟାଳୟକୁ ନୀଳମଣି ବାଳିକା ବିଦ୍ୟାଳୟ ନାମକରଣ କରାଯାଇଛି। ନୀଳମଣୀଙ୍କ ବାହାରଣା ସମାଧି ପୀଠ ଓ ଲେଖନପୁରେ ଥିବା ପ୍ରତିମୂର୍ତ୍ତି ସ୍ଥଳର ଉନ୍ନତିକରଣ କରିବାକୁ ନିଆଳି ପ୍ରଶାସନ ଦୃଷ୍ଟି ଦେବାକୁ ନିଆଳି ଆଞ୍ଚଳିକ ବିକାଶ ମଞ୍ଚର କର୍ମକର୍ତ୍ତା ନ୍ୟାୟବ୍ରତ ରାଉତ, ଯୋଗେନ୍ଦ୍ର ଦାସ, ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଓ ଉପକୂଳ ଓଡ଼ିଶା ବିକାଶ ପରିଷଦର ଆବାହକ ସରୋଜ ନାୟକ ଦାବି କରିଛନ୍ତି।

# ସମାଜସେବୀ ଶ୍ରୀବତ୍ସ ଓଝାଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା, ୨୮।୧(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ପଞ୍ଚାୟତର ସାହାସପୁର ଗ୍ରାମର ସମାଜସେବୀ ଶ୍ରୀବତ୍ସ ଓଝାଙ୍କ ଚତୁର୍ଥ ବାର୍ଷିକ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ତାଙ୍କ ସାହାସପୁରସ୍ଥିତ ବାସଭବନରେ ଗୀତାପାଠ, ନାମସଙ୍କୀର୍ତ୍ତନ ଓ ଗୋପାଳ ସହସ୍ରନାମ ପଠନ ଅନୁଷ୍ଠିତ ହୋଇଯାଇଛି। ସ୍ମୃତିସଭାରେ ରବୀନ୍ଦ୍ର ନାଥ ପଣ୍ଡା, ହରେକୃଷ୍ଣ ମହାପାତ୍ର, ରବୀନ୍ଦ୍ର ନାଥ ମହାପାତ୍ର, ବୈଷ୍ଣବ ସ୍ୱାଇଁ, ଦିବାକର ଦାସ, ଅନିରୁଦ୍ଧ ନାୟକ, ସମାଜସେବୀ ନିରଞ୍ଜନ ପରିଡ଼ାଙ୍କ ସମେତ ସ୍ୱର୍ଗତ ଓଝାଙ୍କ ପରିବାରଜନ ଓ ବନ୍ଧୁବର୍ଗ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

